ବସ୍ତୁତଃ ଚାରିଆଡ଼େ ଯେତେବେଳେ ଅବିଶ୍ୱାସର ରାଜତ୍ୱ ଜାରି ହୋଇ ରହିଛି– ସେତେବେଳେ ଦରକାର ହେଉଛି– ବିଶ୍ୱସ୍ତ ହେବା ଏବଂ ଝଡ଼ ମଧ୍ୟରେ ଅଟଳ ଓ ଅବିଚଳିତ ରହିବା। –ଶ୍ରୀମା

# ଆଇନ କାହା ପାଇଁ



ଆକାର ପଟେଲ

ଇଣ୍ଟରଫେଥ୍ (ଆନ୍ତଃଧର୍ମ)ବିବାହ ଉପରେ ଆଇନତଃ ପ୍ରତିବନ୍ଧକ ଲଗାଇବାରେ ଉତ୍ତରପ୍ରଦେଶର ଆଇନ ଏବକାର ଭାରତୀୟ ଲିଗାଲ ସିଷ୍ଟମର ପ୍ରବର୍ତ୍ତନଶୀଳ ବିଶେଷତାକୁ ସାମ୍ନାକୁ ଆଣିଛି। ବର୍ଡନ ଅଫ୍ ପ୍ରୁଫ୍ ବା ପ୍ରମାଣ କରିବାର ବୋଝ ସରକାରରୁ ଅଭିଯୁକ୍ତ ପାଖକୁ ଶିଫ୍ଟ କରିବାର ଏହା ଏକ ପ୍ରମାଣ। ଏହି ବୋଝ ବା ଦାୟିତ୍ୱ ଅଭିଯୁକ୍ତର ମୁଣ୍ଡ ଉପରେ ରହିବ ଏବଂ ଆଇନ ଅଧୀନରେ ସରକାରଙ୍କ ନିକଟରେ ଅଭିଯୁକ୍ତ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବାକୁ ହେବ। କୌଣସି ସଭ୍ୟ ଦେଶ ତା'ନ୍ୟାୟିକ ବ୍ୟବସ୍ଥାକୁ ଏଭଳି ଢଙ୍ଗରେ ଚଳାଏ ନାହିଁ। ଯେତେବେଳେ ପ୍ରମାଣ କରିବାର ଦାୟିତ୍ୱ ବିପରୀତ ହୋଇଯିବ ଓ ସରକାର କୌଣସି ଅଭିଯୋଗ ଆଣିବେ ସେଠି ବ୍ୟକ୍ତିଙ୍କୁ ନିର୍ଦ୍ଦୋଶ ପ୍ରମାଣ କରିବା ଦାୟିତ୍ୱ ତାଙ୍କ ନିଜ ଉପରେ ରହିବ। ଯଦି ସେମାନେ ନିଜକୁ ନିର୍ଦ୍ଦୋଶ ପ୍ରମାଣ କରି ପାରିବେ ନାହିଁ ତେବେ ସେମାନଙ୍କୁ ଜାମିନ ମିଳେନି ଓ ସେମାନଙ୍କ ବିରୋଧରେ ମକଦ୍ଦମା ଚାଲେ। ଉତ୍ତରପ୍ରଦେଶ ପ୍ରୋହିବିଶନ ଅଫ୍ ଅନ୍ଲଫୁଲ କନ୍ଭର୍ଶନ ଅଫ୍ ରିଲିଜିଓନ ଅର୍ଡିନାନ୍ସ, ୨୦୨୦ ବା ଉତ୍ତରପ୍ରଦେଶ ବିଧି ବିରୁଦ୍ଧ ଧର୍ମ ପରିବର୍ତ୍ତନ ପ୍ରତିଶେଧ ଅଧାଦେଶ, ୨୦୨୦, ବିବାହ ପରେ ଧର୍ମ ପରିବର୍ତ୍ତନ କରିଥିବା ଜଣେ ବୟସ୍କା ମହିଳାଙ୍କ ବୟାନ ପ୍ରମାଣ ଭାବେ ଗ୍ରହଣ କରିବ ନାହିଁ। କୌଣସି ଅପରାଧ ହୋଇନାହିଁ ବୋଲି ଏହା ଗ୍ରହଣ କରିବ। ଏହା କେବଳ ସେହି ମହିଳା ବିବାହ କରିଥିବା ପରିବାରର ପୁରୁଷ ସଦସ୍ୟ ମହିଳାଙ୍କ ଧର୍ମ ପରିବର୍ତ୍ତନର ଉଦ୍ଦେଶ୍ୟ କ'ଣ ଥିଲା ତାହା ବର୍ଣ୍ଣନା କରିବାକୁ ପଡିବ( ଧାରା ୧୨)। ଯଦି ଏହି ସ୍ପଷ୍ଟୀକରଣରେ ପୋଲିସ କିମ୍ବା ପ୍ରଶାସନ ସନ୍ତୁଷ୍ଟ ନ ହୁଅନ୍ତି ତେବେ ତାଙ୍କ ବିରୋଧରେ ଅଭିଯୋଗ ବଳବତ୍ତର ରହିବ ଓ ନ୍ୟାୟିକ ବିଚାର ଚାଲିବ। ଏଥିରୁ ସମ୍ଭାବ୍ୟ ଦୁର୍ନୀତି ଓ ଉତ୍ପୀଡନ କଥା ଚିନ୍ତା କରାଯାଇପାରେ।

ଆସାମରେ ଜାତୀୟ ନାଗରିକତ୍ୱ ପଞ୍ଜିକା (ଏନ୍ଆର୍ସି) କ୍ଷେତ୍ରରେ ପ୍ରମାଣ କରିବାର ଦାୟିତ୍ୱ ବା ଭାର ଓଲଟିଯାଇଥିଲା। ନାଗରିକ ସମ୍ବନ୍ଧିତ କାଗଜପତ୍ର ନ ଥିବା ପ୍ରବାସୀଙ୍କୁ ଚିହ୍ନଟ କରିବା ଓ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଦେଶାନ୍ତର କରିବା ଦାୟିତ୍ୱ ପୋଲିସ କି ପ୍ରଶାସନ ଉପରେ ନ ଥିଲା। ଏହା ସେହି ଲୋକମାନଙ୍କର ଦାୟିତ୍ୱ ଥିଲା। ସେମାନଙ୍କର ପଜିଟିଭ ସିଟିଜେନ ତାଲିକାରେ ନାମ ନ ଥିଲେ ସେମାନଙ୍କୁ କାଗଜପତ୍ର ଧରି ଲାଇନ୍ରେ ଠିଆ ହୋଇ ସେମାନଙ୍କ ପୂର୍ବପୁରୁଷ ସେଠାରେ ରହିଥିଲେ ବୋଲି ପ୍ରମାଣ କରିବାକୁ ପଡିଥିଲା। କିମ୍ବା ଅନ୍ୟ ସରକାରଙ୍କଠାରୁ ପାଇଥିବା କାଗଜପତ୍ର ଦେଖାଇଥିଲେ। ଯଦି ନାମରେ ତ୍ରୁଟି,ମଧ୍ୟ ନାମ ନ ଥିବ କିମ୍ବା ବିବାହ ଯୋଗୁ ସାଙ୍ଗିଆ ପରିବର୍ତ୍ତନ ହୋଇଥିବ ତେବେ ଏହି ସବୁ କାରଣକୁ ଆଧାର କରି ସେମାନଙ୍କୁ ନାଗରିକତ୍ୱ ଏବଂ ଭୋଟ ଦେବାର ଅଧିକାରରୁ ବଞ୍ଚିତ କରାଯାଇଥିଲା। ଏହାର ଦୁର୍ନୀତି ଓ ଉତ୍ପୀଡନର ସବୁ ରେକର୍ଡ ହୋଇଥିଲା, କିନ୍ତୁ ଯାହା ଆଶା କରାଯାଉଥିଲା ସେଭଳି ଏହା ଦୃଷ୍ଟି ଆକର୍ଷଣ କରିପାରିଲା ନାହିଁ। ଭାଜପା ସରକାର କଙ୍ଗାରୁ କୋର୍ଟରେ ଠିକା କର୍ମଚାରୀମାନଙ୍କୁ 'ଜଜ୍' ଭାବେ ଦୁଇ ବର୍ଷ ଲାଗି ନିଯୁକ୍ତ କଲା ଓ ଲୋକମାନେ ସେମାନଙ୍କ କାଗଜପତ୍ର ସେଠାରେ ଉପସ୍ଥାପନ କଲେ। ଯେଉଁ ଜଜ୍ମାନେ ଅଧିକ ଲୋକଙ୍କୁ ବିଦେଶୀ ଭାବେ ଚିହ୍ନଟ କଲେ ସେମାନଙ୍କ ଠିକା ନିଯୁକ୍ତିକୁ ବଢାଇଦିଆଗଲା। ସରକାର ଏହା ଗୁଆହାଟୀ ଉଚ୍ଚନ୍ୟାୟାଳୟରେ ସତ୍ୟପାଠ ଜରିଆରେ ପ୍ରକାଶ କରିଥିଲେ, ଯାହା ଆମକୁ ଏ ବିଷୟରେ ଜଣାପଡିଲା। ଯେଉଁମାନଙ୍କ ଚୁକ୍ତି ବଢାଯାଇ ନ ଥିଲା ସେମାନେ କୋର୍ଟର ଦ୍ୱାରସ୍ଥ ହେଲେ ଓ ସେମାନଙ୍କ କାର୍ଯ୍ୟର କୌଣସି ମୂଲ୍ୟାଙ୍କନ ନ କରି ସେମାନଙ୍କୁ ତଡି ଦିଆଗଲା ବୋଲି ପ୍ରକାଶ କଲେ। ସରକାର ଏମାନଙ୍କର ପ୍ରଦର୍ଶନର ମୂଲ୍ୟାଙ୍କନ ରେକର୍ଡ ଦାଖଲ କରି କୋର୍ଟରେ ବିରୋଧ କଲେ। କେବଳ ଯେଉଁମାନେ ଅଧିକ ସଂଖ୍ୟକ ବିଦେଶୀଙ୍କୁ ଚିହ୍ନଟ କରିପାରି ନ ଥିଲେ ସେମାନଙ୍କୁ ବିଦା କରିଦିଆଗଲା।

ଗତବର୍ଷ ଏହି ସରକାର ପାସ୍ କରିଥିବା ୟୁଏପିଏ ଆଇନର ସଂଶୋଧନ ସମ୍ପର୍କରେ ପାଠକେ ଅବଗତ ଥିବେ। କିଛି ବିଚାର ନ କରି କୌଣସି ନାଗରିକ ବା ସମାଜସେବୀଙ୍କୁ ଟେରରିଷ୍ଟ ମୋହର ଲଗାଇବା ଲାଗି ସରକାରଙ୍କୁ ଏହା ଅଖଣ୍ଡ କ୍ଷମତା ଦେଇଛି। ଥରେ ସରକାର ତୁମଠାରେ ଟେରରିଷ୍ଟ ମୋହର ଲଗାଇଦେଲେ ତୁମକୁ ୟୁଏପିଏରେ ନିର୍ଦ୍ଦୋଶ ପ୍ରମାଣ କରିବା କିମ୍ବା ଜାମିନ ପାଇବାର ଆବଶ୍ୟକ ପଡିବ। ଏହି କାରଣରୁ ସୁଧା ଭରଦ୍ୱାଜ,ଷ୍ଟାନ ସ୍ୱାମୀ, ବାର୍ବରା ରାଓ,ଉମର ଖଲିଦ ଏବଂ ଭେର୍ନନ୍ ଗନସାଲଭେଙ୍କୁ ବିନା ଦୋଷରେ ବହୁ ବର୍ଷ ଜେଲରେ ରହିବାକୁ ହେବ। ତାଙ୍କୁ ହିଁ ନିର୍ଦ୍ଦୋଶ ପ୍ରମାଣ କରିବାକୁ ହେବ। ଅପର ପକ୍ଷରେ ସେମାନଙ୍କ ବେଲ୍କୁ କୋର୍ଟରେ ସରକାର ବିରୋଧ କରୁଛନ୍ତି।

ଗୁଜରାଟ ଆନିମଲ ପ୍ରିଭେନଶନ (ଆମେଣ୍ଡମେଣ୍ଟ) ଆକ୍ଟ,୨୦୧୭ରେ ଗୋହତ୍ୟାକାରୀକୁ ଆଜୀବନ ଜେଲ ଦଣ୍ଡ ଦେବାର ପ୍ରାବଧାନ ରହିଛି। ଏହି ଆଇନ ବଳରେ ଜଣେ ଲୋକଙ୍କୁ ତାଙ୍କ ଝିଅ ବହାଘରରେ ଗୋମାଂସ ପରଷିବା ଅଭିଯୋଗରେ ୨୦୧୮ରେ ଦୋଷୀ କରାଯାଇଥିଲା। ବିଚାର ସମୟରେ ସେ ବାହାଘରରେ ମଟନ ବିରିୟାନୀ ପରଷିଥିବା ଜଣାଇଥିଲେ। ବିଚାରପତି ଏହାକୁ ଗ୍ରହଣ କରି ନ ଥିଲେ ଏବଂ ମାସେ ତଳେ ଖାଇଥିବା ମାଂସ ଗୋମାଂସ ନ ଥିଲା ବୋଲି ପ୍ରମାଣ କରିବାକୁ କହିଥିଲେ। ଯେତେବେଳେ ସେ ତାହା କରି ପାରିଲେନି ସେତେବେଳେ ତାଙ୍କୁ ଦୋଷୀ କରାଯାଇଥିଲା। ଅବଶ୍ୟ ସେ ଜଣକ ଥିଲେ ମୁସଲମାନ। ଏଣୁ ଏଥିରୁ ସହଜରେ ସବୁକିଛି ବୁଝି ହେଉଛି। ଭାରତରେ ଏଭଳି ଏକ ଆଇନ ଏକ ଗୋଷ୍ଠୀକୁ ନିର୍ଯାତନା ଦେଉଛି। ଭାରତରେ ପୋଲିସ, ଜଜ୍ ଏବଂ ପ୍ରଶାସକମାନେ ସରକାରଙ୍କ ଖେଳନା ପାଲଟିଛନ୍ତି। ସେମାନେ ରାଜନୈତିକ ନେତାମାନଙ୍କ କଥା ଶୁଣୁଛନ୍ତି, ମାନିବାକୁ ବି ବାଧ୍ୟ। ଯେଉଁମାନେ ରାଜନୈତିକ ବ୍ୟକ୍ତିଙ୍କ କଥାରେ ନ ରହିବେ ସେମାନଙ୍କୁ ଆକ୍ରୋଶର ଶିକାର ହେବାକୁ ପଡୁଛି। ଏମିତି ଏକ ଘଟଣା ଗୁଜରାଟରେ ହିଂସା ଘଟାଉଥିବା ଲୋକମାନଙ୍କୁ ବିରୋଧ କରିଥିବା ଆଇପିଏସ ଅଧିକାରୀମାନଙ୍କ କ୍ଷେତ୍ରରେ ଘଟିଥିବା ଆମେ ଦେଖିଛେ। ଗୋ, ଲଭ୍ ଜିହାଦ,ବିରୋଧ ଏବଂ ନାଗରିକତ୍ୱ ଉପରେ ରିଭର୍ଶାଲ ଅଫ ବର୍ଡନ ଅଫ୍ ପ୍ରୁଫ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଉଦ୍ଦେଶ୍ୟରେ ରହିଛି। ଏହା ଆମକୁ ଓ ବିଶ୍ୱକୁ ଆମମାନଙ୍କ ସମ୍ପର୍କରେ ଅନେକ କିଛି ସୂଚାଇ ଦେଉଛି।

Email:aakar.patel@gmail.com

## su | do | ku — ସୁ–ଡୋ–କୁ
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | B | 7 | 2 | | 0 | | | | | 5 | | | | |
| | | | | 4 | 1 | | D | | | | | 9 | 3 | |
| | | 5 | | | | | E | | D | | 3 | 1 | | |
| | | | 9 | D | 6 | | | | 0 | | A | | | |
| 2 | A | 1 | B | | | | | 4 | 8 | | | C | 0 | |
| | | B | | | | | | | | | 9 | | | |
| | 3 | 9 | 4 | E | 7 | | A | | 5 | C | | | | 2 |
| C | | 6 | | | | | | | A | 8 | 2 | | | |
| | | | | 8 | | | 2 | C | | | | 5 | 9 | |
| 7 | | | | | | 8 | | B | | 3 | | 0 | | |
| | 2 | | 6 | 7 | | | 4 | 8 | | | | | | |
| | | 8 | C | | 4 | 9 | 1 | | | | E | 2 | | |
| | | | D | | 9 | 0 | B | E | | | | | | |
| 4 | | | | | E | | C | D | 3 | 7 | | A | | |
| | E | | | | | | | | 1 | 9 | B | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 9 | 3 | 2 | 7 | D | 5 | 6 | B | E | 1 | C | A | 8 | 0 |
| 1 | D | 6 | 0 | 8 | 9 | E | 7 | 2 | 4 | A | 3 | C | 5 | B |
| C | 5 | B | E | A | 4 | D | 1 | 9 | 6 | 0 | 8 | 7 | 2 | 3 |
| E | 8 | 0 | 5 | C | 1 | 4 | A | 3 | B | 7 | 2 | D | 9 | 6 |
| 7 | 2 | A | 3 | B | 6 | 8 | 0 | C | 5 | D | 9 | 4 | 1 | E |
| A | C | 5 | 7 | D | 2 | 3 | E | 6 | 1 | 9 | 0 | B | 4 | 8 |
| B | 4 | 2 | 9 | E | A | C | 5 | 0 | 3 | 8 | 7 | 1 | 6 | D |
| 9 | 0 | D | 6 | 3 | B | 1 | 8 | A | 2 | 4 | E | 5 | 7 | C |
| 3 | 6 | 1 | 8 | 4 | 0 | B | D | 7 | A | C | 5 | 2 | E | 9 |
| 8 | E | 7 | 1 | 5 | C | 2 | 9 | 4 | D | B | 6 | 0 | 3 | A |
| 5 | A | E | C | 2 | 7 | 9 | 4 | 8 | 0 | 6 | D | 3 | B | 1 |
| 2 | 1 | 8 | 4 | 6 | E | A | 3 | D | C | 5 | B | 9 | 0 | 7 |
| D | 3 | 9 | B | 0 | 5 | 7 | C | E | 8 | 2 | 1 | 6 | A | 4 |
| 0 | B | 4 | D | 9 | 3 | 6 | 2 | 1 | 7 | E | A | 8 | C | 5 |
| 6 | 7 | C | A | 1 | 8 | 0 | B | 5 | 9 | 3 | 4 | E | D | 2 |

ଗତକାଲିର ଉତ୍ତର



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

# ନଷ୍ଟ ସମୟର ଚିତ୍ରପଟ

ନଷ୍ଟ ସମୟର ପ୍ରଥମ ଚିତ୍ର। ଗୋଟିଏ ଗାଁର ଜଣେ ବୁଢ଼ାଙ୍କର ଚାରି ପୁଅ। ଅନ୍ୟ ବହୁ ପରିବାର ଭଳି ଏକାନ୍ନବର୍ତ୍ତିତାରେ ବିଶ୍ୱାସ ନ ଥିବାରୁ ସମସ୍ତେ ପରସ୍ପରଠାରୁ ପୃଥକ୍। ଚାରି ଭାଇଙ୍କ ମଧ୍ୟରେ ଭାଗବଣ୍ଟା ହୋଇଯାଇଛନ୍ତି ବାପା ମା'। ପ୍ରତ୍ୟେକ ପୁଅ ପାଖରେ ତିନିମାସ, ତାହା ପୁଣି ମିଳିତ ଭାବେ ନୁହେଁ। ଯା ପାଖରେ ବାପା ତ ତା' ପାଖରେ ମାଆ। ଅସହାୟ ବାର୍ଦ୍ଧକ୍ୟର ବିକଳ ଅବସ୍ଥାକୁ ବାଧ ହୋଇ ସହି ନେଉଥିଲେ ବୃଦ୍ଧ ଦମ୍ପତି। ମାତ୍ର ଦିନକୁ ଦିନ ବଢୁଥିବା ପୁଅବୋହୂଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ଏକ ନିଷ୍ଠୁର ନିଷ୍ପତ୍ତିରେ ପହଞ୍ଚିଛନ୍ତି ବାପା। ସେ ନିଜ ସମ୍ପତ୍ତିରୁ ପୁଅମାନଙ୍କୁ ବେଦଖଲ କରିବାର ପ୍ରାର୍ଥନା ନେଇ କୋର୍ଟକୁ ଯିବେ ଓ ପୁଅମାନଙ୍କ ବିରୋଧରେ ମକଦ୍ଦମା ଲଢ଼ିବେ ବୋଲି ସ୍ଥିର କରିଛନ୍ତି।

ପରିଣତ ବୟସରେ ପୁତ୍ରମାନଙ୍କ ନିର୍ଯାତନା ବିରୋଧରେ ସଂଗ୍ରାମ କରିବାକୁ ଜଣେ ଗାଉଁଲି ବୃଦ୍ଧଙ୍କ ଅପୂର୍ବ ସାହସ ବାସ୍ତବରେ ପ୍ରଶଂସାଯୋଗ୍ୟ। ମାତ୍ର ତାଙ୍କର ଦୁର୍ଭାଗ୍ୟ ନିଜ ନିଜର ନିମ୍ନତମ ସଂସ୍କାରଠୁ ଦୂରେଇ ଯାଇ ଯେ କୌଣସି ମୁହୂର୍ତ୍ତରେ ପରସ୍ପର ସହ ଲଢ଼ିବାକୁ ତିଆର ଥିବା ପୁଅ ଚାରିହେଁ ବାପାଙ୍କ ବିରୋଧରେ କିନ୍ତୁ ଅସମ୍ଭବ ଭାବେ ଏକଜୁଟ ହୋଇ ଯାଇଛନ୍ତି ଓ ତାଙ୍କୁ ପାଗଳ ବୋଲି ଘୋଷଣା କରି ଖବରକାଗଜରେ ବିଜ୍ଞାପନ ପ୍ରକାଶିଛନ୍ତି। ଏ ପରିପ୍ରେକ୍ଷୀରେ କୋର୍ଟରୁ ନ୍ୟାୟ ମିଳିବ କି ନାହିଁ ବୋଲି ପ୍ରଶ୍ନ ପଚାରି ବୃଦ୍ଧ ମହୋଦୟ ଏ ଲେଖକର ପରାମର୍ଶ ଲୋଡ଼ିଲା ବେଳେ ତାଙ୍କ ଦୁର୍ଭାଗ୍ୟ ପାଇଁ ତା'ର ସମବେଦନା ଅଜାଡ଼ି ପଡ଼ିଛି ସିନା, କୋର୍ଟ ଯିବା ପାଇଁ ସେ ତାଙ୍କୁ ପରାମର୍ଶ ଦେଇପାରିନାହିଁ। ନିଜ ଆତ୍ମଜମାନଙ୍କ ବିରୋଧରେ ଆଇନଗତ ଲଢ଼େଇ କରିବାର ବ୍ୟବସ୍ଥା ଏତେ ଦୀର୍ଘକାଳୀନ କସରତ ଯେ ନ୍ୟାୟ ମିଳିବା ପୂର୍ବରୁ ସଂସାର ଛାଡ଼ିବା କିଛି ଅସ୍ୱାଭାବିକ ନୁହେଁ ବୋଲି ସେ ବୁଝିଥିଲା।

ସତ୍ୟ ସଦାଚାର ଉପରେ ଅସତ୍ୟ ଅନାଚାରର ଆସୁରିକ ଆକ୍ରମଣ ସତ୍ତ୍ୱେ ନ୍ୟାୟପାଳିକା ଉପରୁ ଅସହାୟ ମଣିଷର ଆସ୍ଥା ତଥାପି ହ୍ରାସ ପାଇନାହିଁ। ବିଜ୍ଞ ବିଚାରପତିଙ୍କ କଲମର ବଜ୍ରଶକ୍ତି ତାକୁ ବାରମ୍ବାର ସୁରକ୍ଷା ଯୋଗାଇ ଆସିଛି। ତଥାପି ବେଳେବେଳେ ତା' ଆଖି ସାମନାରେ ଏମିତି କିଛି ଘଟୁଛି, ଯାହାକୁ ସେ ସହଜ ମନରେ ଗ୍ରହଣ କରିପାରୁନାହିଁ। ନ୍ୟାୟ ଓ ନୀତି ଯେ ଏକାକଥା ନୁହେଁ, ଦୁଇଟି ଭିନ୍ନ ପ୍ରସଙ୍ଗ ; ଏହା ବିଶ୍ୱାସ କରିବାକୁ ତା' ମନ ମାନୁନାହିଁ। ଗୋଟିଏ କଥା ଅନୈତିକ ହୋଇପାରେ, ମାତ୍ର ଅନ୍ୟାୟ ନୁହେଁ, ଏମିତି ଏକ ବିଚିତ୍ର ସିଦ୍ଧାନ୍ତ ସହ ସେ ସାଲିସ କରିପାରୁନାହିଁ। ନୈତିକତାର ପରିଭାଷା ଯେଉଁଠି ନ୍ୟାୟର ପରିସୀମାଠୁଁ ବହୁ ଦୂରରେ, ସେଠି କେଉଁ ଭରସାରେ ବୁଢ଼ାବାପା ଜଣେ ନ୍ୟାୟାଳୟରେ ଆଶ୍ରୟ ନେବ ନିଜ ପୁଅମାନଙ୍କ ବିରୋଧରେ ଫେରାଦ ହେବାକୁ। ନ୍ୟାୟ ପ୍ରକ୍ରିୟାର ପ୍ରହେଳିକା ମଧ୍ୟରେ ସଂସ୍କାର ଯେଉଁଠି ଗୁରୁତର ସଙ୍କଟଗ୍ରସ୍ତ, ବାପା ପୁଅ, ସ୍ୱାମୀ ସ୍ତ୍ରୀ ଆଦି ପାରମ୍ପରିକ ସମ୍ପର୍କ ଯେଉଁଠି ନଷ୍ଟ ସମୟ ମଧ୍ୟ ଦେଇ ତୀବ୍ର ଗତିରେ ଧାବମାନ ; ସେଠି କିଏ ବା କେମିତି ଆଗେଇ ଆସିବ ଚାରିପୁଅଙ୍କ କ୍ୟାଲେଣ୍ଡର ପୃଷ୍ଠା ମଧ୍ୟରେ ନିଜକୁ ଭାଗ କରୁଥିବା ବିଚରା ବାପା ଜଣକ ଆଖିରୁ ଲୁହ ପୋଛିବାକୁ।

ନଷ୍ଟ ସମୟର ଦ୍ୱିତୀୟ ଚିତ୍ର। ସହବାସୀ ସମ୍ପର୍କ ବା 'ଲିଭ-ଇନ-ରିଲେଶନଶିପ।' ଏମିତି ଏକ ସମାଜଛଡ଼ା ସମ୍ପର୍କ କେବେ କେଉଁଠି ଆରମ୍ଭ ହୋଇଥିଲା କେଜାଣି, ସଂସ୍କାର ଓ ପରମ୍ପରା ରକ୍ଷା ଦିଗରେ ସମଗ୍ର ବିଶ୍ୱରେ ଉଜ୍ଜ୍ୱଳ ଉଦାହରଣ ସୃଷ୍ଟି କରି ଆସିଥିବା ଆମ ଭାରତବର୍ଷର ଛୋଟ ବଡ଼ ନଗରାଞ୍ଚଳରେ ଏମିତି ସମ୍ପର୍କ ଏବେ ବହୁ ସଂଖ୍ୟାରେ ଦେଖିବାକୁ ମିଳୁଛି। ବଡ଼ ଅଦ୍ଭୁତ ଏ ସମ୍ପର୍କ। ନା ବୈଦିକ ବିଚାରର ସମର୍ଥନ ଅଛି ନା ସାମାଜିକ ସ୍ୱୀକୃତି। ଏକା ଘରେ ରହୁଥିବେ ଦୁଇଜଣ ପ୍ରାପ୍ତ ବୟସ୍କ ପୁରୁଷ ଓ ନାରୀ। ବିବାହ ପୂର୍ବରୁ ଯାହା କିଛି ଅକରଣୀୟ ସବୁକିଛି କରୁଥିବେ। ଅଥଚ ସେ ଦୁହେଁ ବିବାହ କରି ନ ଥିବେ କି ପତ୍ନୀପତି ହୋଇ ନ ଥିବେ। ଆଃ, ପଶ୍ଚାତ୍ ଗତିରେ ମଣିଷ ପଶୁ ହୋଇଯାଇଛି ଯେମିତି!

ଏମିତି ଏକ ସମ୍ପର୍କକୁ ନେଇ କେଇ ବର୍ଷ ତଳେ ଆଲ୍ଲାହାବାଦ ହାଇକୋର୍ଟର ଏକ ରାୟ ପ୍ରକାଶ ପାଇ ଭାରତୀୟ ସଂସ୍କାରର ଇତିହାସକୁ ଏକ ଭିନ୍ନ ମୋଡ଼ ଦେଇଛି। ପାୟଲ ଶର୍ମା ନାମ୍ନୀ ଜଣେ ଅବିବାହିତ ଝିଅ ନିଜ ବାପାମା'ଙ୍କ ବାରଣ ନ ମାନି ପ୍ରେମ କରୁଥିଲେ ଜଣେ ନଷ୍ଟ ଚରିତ୍ର ଯୁବକଙ୍କୁ। ବାପା ମା'ଙ୍କ ଆକଟକୁ ପ୍ରତ୍ୟାଖ୍ୟାନ କରି ସେ ଦିନେ ଘର ଛାଡ଼ିଲେ ଓ ସେଇ ଯୁବକଙ୍କ ସହ ସହବାସୀ ସମ୍ପର୍କରେ ରହିବାକୁ ଲାଗିଲେ। କଥା ଗଲା ଅଦାଲତକୁ। ବହୁଦିନର ଲୁଚକାଳି ଖେଳ ପରେ ଆଇନର ସ୍ୱରୂପ ପ୍ରକଟିତ ହେଲା। ଆଇନର ବିଚାର ବିଶ୍ଳେଷଣ କରି ବିଚାରପତି ରାୟ ଶୁଣାଇଲେ, ''ଝିଅଟି ସାବାଳିକା ହୋଇଥିଲେ ବାପାମାଆଙ୍କ ଇଚ୍ଛାରେ ପରିଚାଳିତ ହେବାକୁ ବାଧ୍ୟ ନୁହେଁ। ନିଜ ସମ୍ପର୍କରେ ସେ ନିଜେ ନିଷ୍ପତ୍ତି ନେଇପାରିବେ, ଯେଉଁଠି ଚାହିଁବେ ସେଠି ରହିପାରିବେ। ଅତଏବ ବିବାହ ନ କରି ମଧ୍ୟ ଦୁଇଜଣ ସାବାଳକ ତରୁଣ ତରୁଣୀ ସ୍ୱାମୀ ସ୍ତ୍ରୀ ଭାବେ ଏକାଠି ରହିବା ଆଇନ ଦୃଷ୍ଟିରୁ ଅସଙ୍ଗତ ନୁହେଁ। ହୋଇପାରେ, ଆମ ସଂସ୍କାର ଓ ପରମ୍ପରା ଦୃଷ୍ଟିରୁ ଏହା ଅନୈତିକ, ମାତ୍ର ଆଇନ ଦୃଷ୍ଟିରୁ ଏହା ଅନ୍ୟାୟ, ଅବୈଧ ବା ଅସଙ୍ଗତ ନୁହେଁ। ବିଚରା ବାପା! ଝିଅଟିକୁ ଅଠର ବର୍ଷରୁ ଊର୍ଦ୍ଧ୍ୱ ହୋଇଗଲେ ସେ ଯେ ଆଉ ଝିଅ ହୋଇ ରହେ ନାହିଁ, ଏକଥା ପାୟଲ ବୋଲି ସେଇ ଝିଅଟିକୁ ଜନ୍ମ ଦେଇ ନ ଥିଲେ ସେ ଜାଣିପାରି ନ ଥାନ୍ତେ।

ଅଥଚ ଆମ ସଂସ୍କାର ପୂର୍ବରୁ କେବେ ଏମିତି ନୈତିକ ସଙ୍କଟର ସମ୍ମୁଖୀନ ହୋଇ ନ ଥିଲା। ପାଶ୍ଚାତ୍ୟ ଦେଶଗୁଡ଼ିକରେ ଏହି ବିବାହବିହୀନ ସହବାସୀ ସମ୍ପର୍କ ଅତି ସାଧାରଣ କଥା ଥିଲା ବେଳେ ଆମ ଭାରତ ଭୂଖଣ୍ଡ ଥିଲା ଏହାର ସମ୍ପୂର୍ଣ୍ଣ ବିରୋଧୀ। ମାତ୍ର ମୁକ୍ତ ଚେତନା ନାମରେ ଏହା ଏବେ ଆଧୁନିକ ହୋଇ ନିଜ ମୂଳ ସଂସ୍କାରକୁ ପରିହାର କରି ଅନ୍ୟ ଦେଶର ଆଚାର ବିଚାରକୁ ଆପଣେଇ ନେବା ଭଳି ବିଲକ୍ଷଣ ବହୁଳ ଭାବେ ପରିଲକ୍ଷିତ ହେଲାଣି। ତାହା ହୋଇ ନ ଥିଲେ ଯେଉଁ ମାଟିରେ ଦାମ୍ପତ୍ୟ କେବଳ ଦୁଇଟି ବିପରିତଲିଙ୍ଗୀ ମଣିଷଙ୍କର ଆଦିମ ମିଳନ ନୁହେଁ, ବରଂ ଏକ ଦିବ୍ୟ ଚେତନାର ସ୍ୱର୍ଗୀୟ ଅନୁଭବ, ସେହି ମାଟିରେ ପୁଣି ଏଇ ବିବାହବିହୀନ ଦାମ୍ପତ୍ୟ ବିରୋଧରେ ସାମାଜିକ ପ୍ରତିବାଦ ଉଠି ନ ଥାଆନ୍ତା। ଉଚ୍ଚତମ ନ୍ୟାୟାଳୟର ସିଦ୍ଧାନ୍ତ ବିରୋଧରେ ପୁନର୍ବିଚାର ପାଇଁ ପିଟିଶନ ପଡ଼ି ନ ଥାଆନ୍ତା।

ନଷ୍ଟ ସମୟର ଉଗ୍ର ଆବାହନ ମଧ୍ୟରେ ସଂସ୍କାରଗତ ସମ୍ପର୍କ ଆଜି ମୂଲ୍ୟହୀନ ହୋଇପଡ଼ିଛି। କେଇବର୍ଷ ତଳେ କର୍ମଜୀବୀ ଅବିବାହିତା ମାଆମାନେ ବିବାହିତ କର୍ମଜୀବୀମାନଙ୍କ ପରି ପ୍ରସବକାଳୀନ ଛୁଟି ପାଇବାକୁ ସମାନ ଭାବେ ହକ୍ଦାର ବୋଲି ଦାବି ଉପସ୍ଥାପିତ କରିଥିଲେ। ମାତ୍ର ଧନ୍ୟ କହିବ, ମହନୀୟ ସଂସ୍କାରରେ ସଦା ଉଜ୍ଜ୍ୱଳ ଭାରତବର୍ଷର ଶାସନ ବ୍ୟବସ୍ଥାକୁ, ଏ ଦେଶର ସ୍ୱରାଷ୍ଟ୍ର ବିଭାଗ ଏ ପ୍ରକାର ଦାବିକୁ 'ଅସ୍ପୃହଣୀୟ ସ୍ଖଳନ' ଓ 'ନୈତିକ ବିଚ୍ୟୁତି' ବୋଲି ଟିପଣୀ ଦେଇ ପ୍ରତ୍ୟାଖ୍ୟାନ କରି ଦେଇଥିଲା। ଅଥଚ ଆଜି କୋର୍ଟ ରାୟରେ ବଳିୟାନ ହୋଇ ବିନା ବିବାହରେ ପାୟଲ ଶର୍ମାମାନେ(ଛଦ୍ମନାମ) ମାଆ ହେଉଛନ୍ତି ଓ ସେଇ ସବୁ ପ୍ରକାର ସୁବିଧା ହାସଲ କରୁଛନ୍ତି, ଯାହା ବିବାହିତା ମାଆମାନଙ୍କର ପ୍ରାପ୍ୟ।

ଭାରତରେ ଖଣ୍ଡିଏ ପିଠାକୁ ଏକ ସମୟରେ ଖାଇବା ଓ ସଞ୍ଚିବା ଏତେ ସହଜ ନୁହେଁ। ଆମେରିକାରେ ଜଣେ ଯୁବତୀ ବିଧବା ହେଲେ ବିଧବା ଭତ୍ତା ତ ପାଇବ, ପୁଣି ବିବାହ ନ କରି ମଧ୍ୟ ସହବାସୀ ସମ୍ପର୍କରେ ଅନ୍ୟ କେହି ଯୁବକଙ୍କ ସହ ଏକାଠି ରହି ବିବାହ ସୁଖ ବି ପାଇବ। ମାତ୍ର କାଲି ପର୍ଯ୍ୟନ୍ତ ଭାରତରେ ଏହା ସମ୍ଭବ ନ ଥିଲା। ଏବେ କିନ୍ତୁ ତାହା ଆଉ ସମ୍ଭବ ହୋଇ ରହିନାହିଁ। ନଷ୍ଟ ସମୟର ଏହି ତୃତୀୟ ଚିତ୍ରଟି ଉପରେ ନଜର ପକାନ୍ତୁ, ଯାହା ପ୍ରାୟ ବର୍ଷକ ତଳେ କୋଲକାତାରୁ ପ୍ରକାଶିତ ଏକ ଖବରକାଗଜରେ ପ୍ରକାଶ ପାଇଥିଲା। କଥିତ ବିଧବାଙ୍କ ରଙ୍ଗିନ ଜୀବନର ଗୋପନ କଥା ଘରର ଚାରିକାନ୍ଥ ଡେଇଁ ଖବରକାଗଜରେ ପହଞ୍ଚାଇ ଥିଲା ବିଧବାଙ୍କ ସାତବର୍ଷ ବୟସର ଶିଶୁପୁତ୍ର। ଅତୀତରେ ଭାରତବର୍ଷର ସଂସ୍କାରକୁ ପିଠି କରି ଆଗେଇ ଯାଇଥିବା ଜଣେ କୁନ୍ତୀଙ୍କ ଆଚରଣ ପାଇଁ କର୍ଣ୍ଣଙ୍କ କପାଳରେ ଅଙ୍କିତ ହୋଇ ଯାଇଥିଲା ସୂତପୁତ୍ରର କଳଙ୍କ। ଜୀବନଯାକ ଏହି କଳଙ୍କର ବୋଝ ମୁଣ୍ଡାଇ ଢେର କଲବଲ ହୋଇ ବଞ୍ଚିଥିଲେ ହତଭାଗ୍ୟ କର୍ଣ୍ଣ। ମାତ୍ର ଏହି କୋଲକାତାର ଅନ୍ୟ ଜଣେ ଶିଶୁ କର୍ଣ୍ଣ ନିଜ ମାଆଙ୍କ କୃତକର୍ମ ବିରୋଧରେ ପ୍ରତିବାଦ କରିଥିଲେ।

କଥା ହେଲା କୋଲକାତାର ଏକ କମ୍ପାନୀ ଅଫିସରେ କାର୍ଯ୍ୟ କରୁଥିବା ଜଣେ ଯୁବକଙ୍କ ଅକାଳ ମୃତ୍ୟୁ ପରେ ତାଙ୍କ ବିଧବା ପତ୍ନୀଙ୍କୁ ସେହି ଅଫିସରେ ଅନୁକମ୍ପାଭିତ୍ତିରେ ଚାକିରିଟିଏ ମିଳିଲା। ଚାକିରି ଆର୍ଥିକ ଦୁଃସ୍ଥିତିର ଦୁଃଖ ଲାଘବ କଲା ସିନା, କିନ୍ତୁ ବଢାଇ ଚାଲିଲା ସଦ୍ୟ ବୈଧବ୍ୟର ବିରହ ବେଦନା। କିଛିଦିନ ମଧ୍ୟରେ ସେଇ ଅଫିସରେ କାର୍ଯ୍ୟ କରୁଥିବା ଜଣେ ଯୁବ ସହକର୍ମୀଙ୍କ ପ୍ରତି ଆକର୍ଷିତ ହେଲେ ସେହି ବିଧବା। ଯୁବକ ଅବିବାହିତ ଥିଲେ। ସୁତରାଂ ବିବାହ ପାଇଁ ଅସୁବିଧା ନ ଥିଲା। ମାତ୍ର ଯେଉଁ ନିୟମ ଭିତ୍ତିରେ ମହିଳାଙ୍କୁ ଚାକିରି ମିଳିଥିଲା, ବିବାହ କଲେ ଚାକିରି ଚାଲିଯିବାର ଭୟ ଥିଲା। ବଡ଼ ବିଚିତ୍ର ଥିଲା ସେଇ ଜୀବନ ଓ ଜୀବିକାର ଚକ୍ର। ମହିଳା ଜଣକ ବିଧବା ହୋଇ ନ ଥିଲେ ଚାକିରି ପାଇ ନ ଥାନ୍ତେ। ଚାକିରି ପାଇ ନ ଥିଲେ ସେଇ ଯୁବ ସହକର୍ମୀଙ୍କ ପ୍ରେମରେ ପଡି ନ ଥାନ୍ତେ ଓ ସେଇ ଦୃଷ୍ଟିରୁ ଆଉ ଥରେ ସଧବା ଜୀବନ ଜିଇବାର ସ୍ୱପ୍ନ ଦେଖି ନ ଥାନ୍ତେ। ତେବେ ଚାକିରି ସୁଖ ଓ ଦାମ୍ପତ୍ୟ ସୁଖ ଏକ ସଙ୍ଗେ ପାଇବା ସମ୍ଭବ ହେଉ ନ ଥିବାରୁ ଯୁବକଙ୍କ ସହଧର୍ମିଣୀ ନ ହୋଇ ସହବାସିନୀ ହୋଇ ରହିଛନ୍ତି ସେଇ ମହିଳା। ଶିଶୁ ପୁତ୍ରଟିକୁ ଆବାସିକ ବିଦ୍ୟାଳୟରେ ଛାଡ଼ି ନିଜ ପ୍ରେମୀ ପୁରୁଷଙ୍କ ସହ ସହବାସୀ ସମ୍ପର୍କରେ ଅଛନ୍ତି।

ସ୍ୱାମୀ ରାମତୀର୍ଥ ଆମେରିକା ପର୍ଯ୍ୟଟନ କାଳରେ ଥରେ ଜଣେ ସୁନ୍ଦରୀ ମହିଳାଙ୍କୁ ଏକ କବର ସ୍ଥାନରେ ପଙ୍ଖା ହଲାଉଥିବାର ଦେଖି ପରମ ଆଶ୍ଚର୍ଯ୍ୟରେ ପଚାରିଲେ, 'କ'ଣ କରୁଛ ?' ଉତ୍ତର ମିଳିଲା ''ମୋ ସ୍ୱାମୀଙ୍କର କବର ୟେ। ମରିବା ଆଗରୁ ସେ ମୋ ପାଖରୁ କଥା ନେଇଥିଲେ ଯେ, ତାଙ୍କ କବର ନ ଶୁଖିବା ଯାଏ ମୁଁ ଦ୍ୱିତୀୟ ପୁରୁଷଙ୍କ ସଙ୍ଗ ଲୋଡ଼ିବି ନାହିଁ। ମୁଁ ବିଞ୍ଚି ଚାଲିଛି। ଶୀଘ୍ର ଶୁଖିଗଲେ ମୁଁ ମୋ ପୁରୁଷ ସାଥୀ ସହ ସହବାସୀ ହୋଇ ରହିବି।'' ଏହା ଆମେରିକାର କଥା। ମାତ୍ର ନ୍ୟାୟାଳୟର ସିଦ୍ଧାନ୍ତ ବଳରେ ବଳୀୟାନ ହୋଇ ଭାରତୀୟ ସଂସ୍କାର ଓ ସଂସ୍କୃତିକୁ ପଛକୁ ଠେଲି ଦେଇ ଯଦି କେହି ଏମିତି କିଛି ଏଠାରେ ଘଟାନ୍ତି, ତେବେ ପୁଣ୍ୟଭୂମି ଭାରତବର୍ଷକୁ ଚିହ୍ନି ଚିହ୍ନାଇବାରେ କଷ୍ଟ ହେବନି ତ! ବିଜ୍ଞ ଜନେ ବିଚାର କରନ୍ତୁ।

–ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ–୯୭୭୬୭୭୭୧୫୦



ଗୋକୁଳ ପଟ୍ଟନାୟକ

# କୃଷକମାନେ କାହିଁକି ରାସ୍ତାରେ

ନୂଆ କୃଷି ଆଇନଗୁଡ଼ିକ ପ୍ରବର୍ତ୍ତନବାଦୀ ଏବଂ ଏହା କୃଷକଙ୍କୁ ସ୍ୱାଧୀନତା, ସୁରକ୍ଷା ଓ ଅଧିକ ଆୟ ଦେବା ପାଇଁ ସଂକଳ୍ପବଦ୍ଧ ବୋଲି ସରକାର କହିଛନ୍ତି। ସେମାନେ ମଧ୍ୟ ନିଶ୍ଚିତ କରିଛନ୍ତି ଯେ, କୃଷକମାନେ ସେମାନଙ୍କ କୃଷି ଉତ୍ପାଦଗୁଡ଼ିକୁ ଯାହାକୁ ଯେଉଁଠି ବିକ୍ରି କରିପାରିବେ। ଏପିଏମ୍ସି ମଣ୍ଡିଗୁଡ଼ିକ ପୂର୍ବରୁ ଯେମିତି କାମ କରୁଥିଲା ସେମିତି କରିବ। ଏଗୁଡ଼ିକ ବନ୍ଦ ହେବ ନାହିଁ। ଚୁକ୍ତିଭିତ୍ତିକ କୃଷି ଆଇନରେ କୃଷକ ଓ କମ୍ପାନୀଗୁଡ଼ିକ ମଧ୍ୟରେ ଚୁକ୍ତି ହେଉଥିବାରୁ ଏଥିରେ କୃଷକଙ୍କର ଆୟ ସୁରକ୍ଷିତ ରହିବ। ତେବେ ଏତେ ପରେ କାହିଁକି କୃଷକଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଛି।

ସରକାର ଦେଇଥିବା ଆଶ୍ୱାସନା ଉପରେ କୃଷକଙ୍କ ଅବିଶ୍ୱାସ ବଢ଼ିବା ଏବଂ ତରବରିଆ ଭାବେ ଲାଗୁ କରାଯାଇଥିବା ଆଇନଗୁଡ଼ିକରେ ରହିଥିବା କିଛି ତ୍ରୁଟି ହିଁ କୃଷକ ଅଶାନ୍ତିର ମୁଖ୍ୟ କାରଣ। କ୍ଷମତାକୁ ଆସିବା ପୂର୍ବରୁ ଏବର ଶାସକ ଦଳ ୨୦୧୪ର ଇସ୍ତାହାରରେ ଡ. ଏମ୍.ଏସ୍. ସ୍ୱାମୀନାଥନ ଅଧ୍ୟକ୍ଷତାରେ ଗଠିତ ନ୍ୟାଶନାଲ କମିଶନ ଅଫ୍ ଫାର୍ମର୍ସ ୨୦୦୬ ରିପୋର୍ଟ ଲାଗୁ କରିବା ଲାଗି କଥା ଦେଇଥିଲେ। ଏମ୍ଏସ୍ପି କୃଷି ଉତ୍ପାଦନର ହାରାହାରି ମୂଲ୍ୟଠାରୁ ଅତି କମ୍ରେ ୫୦% ଅଧିକ ହେବା ଉଚିତ ବୋଲି ଏହି ରିପୋର୍ଟରେ ସୁପାରିସ କରାଯାଇଥିଲା। ଏହି ସୁପାରିସକୁ କାର୍ଯ୍ୟକାରୀ କରା ନ ଯିବା ଉପରେ ବହୁ ପୂର୍ବରୁ କୃଷକମାନେ ଅଭିଯୋଗ କରିଆସୁଥିଲେ। ରବି ଋତୁରେ ଉତ୍ପାଦିତ ଗହମ ଉପରେ ଅତି କମ୍ ଅର୍ଥାତ୍ ୨.୬% ଏମ୍ଏସ୍ପି ବୃଦ୍ଧି କରାଯିବା କୃଷକଙ୍କ ଅଶାନ୍ତିକୁ ଆହୁରି ବଢାଇଦେଲା। ୨୦୨୨ ସୁଦ୍ଧା ୫ ବର୍ଷ ମଧ୍ୟରେ କୃଷକଙ୍କ ଆୟ ଦୁଇଗୁଣ କରିବା ଲାଗି ୨୦୧୭ରେ ମୋଦି ସରକାର ମଧ୍ୟ ଏକ ବଡ଼ ଘୋଷଣା କରିଥିଲେ। ଘୋଷଣାର ୩ ବର୍ଷ ପରେ ଏହା ଏକ ଧୂଆଁବାଣ ଭଳି ଲାଗୁଛି। କୃଷକଙ୍କ ମଧ୍ୟରେ ଆଉ ଏକ ଭୟ ସଞ୍ଚାର ହୋଇଛି। ସରକାର ଯେଉଁ ବଜାର ସଂସ୍କାର ପଦ୍ଧତି ଆରମ୍ଭ କରିଛନ୍ତି ତାହା ପିଡିଏସ୍ ସିଷ୍ଟମକୁ ନିମ୍ନଗାମୀ କରିବ ଏବଂ ଶାନ୍ତାକୁମାର କମିଟି ଦ୍ୱାରା ସୁପାରିସ କରାଯାଇଥିବା ଏମ୍ଏସ୍ପି ନୀତିର ପୁନଃପ୍ରଚଳନ କରିବାରେ ସହାୟକ ହେବ ବୋଲି କୃଷକଙ୍କ ମଧ୍ୟରେ ଭୟ ରହିଛି। ସରକାର ଏମ୍ଏସ୍ପି ରହିବ ବୋଲି ବାରମ୍ବାର ଭରସା ଦେଲେ ମଧ୍ୟ ଏବେ କୃଷକମାନେ ଏହାକୁ ଆଇନରେ ଉଲ୍ଲେଖ କରିବା ଲାଗି ଦାବି କରିଛନ୍ତି। ତେବେ ୨୦୧୧ରେ ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କ ନେତୃତ୍ୱରେ ଗଠିତ ଏକ କମିଟି ଏମ୍ଏସ୍ପି ଏକ ଆଇନଗତ ଅଧିକାର ହେବା ଉଚିତ ବୋଲି ସୁପାରିସ କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ତିନୋଟି କୃଷି ଆଇନ ମଧ୍ୟରୁ କୌଣସିଗୋଟିକରେ ଏମ୍ଏସ୍ପି ସମ୍ପର୍କରେ କିଛି ଉଲ୍ଲେଖ କରାଯାଇନାହିଁ।

ଯେଉଁ ଉପାୟରେ ତରବରିଆ ଏବଂ ଲୁଚାଛପାରେ ଏହି ଆଇନଗୁଡ଼ିକୁ ଲାଗୁ କରାଗଲା ତାହାକୁ କେନ୍ଦ୍ରକରି ଚାଷୀଙ୍କ ମନରେ ଅବିଶ୍ୱାସ ବଢ଼ିଛି। ଏହିସବୁ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିବା ପୂର୍ବରୁ ସରକାର ରାଜ୍ୟଗୁଡ଼ିକ ସହ କିଛି ଆଲୋଚନା ମଧ୍ୟ କରି ନ ଥିଲେ। ଆଇନଗୁଡ଼ିକର ଡ୍ରାଫ୍ଟିଙ୍ଗ୍ କରିବାରେ ଏକ ବଡ଼ ବ୍ୟବଧାନ ରହିବା ଦ୍ୱାରା ଏହାର କାର୍ଯ୍ୟାନ୍ୱୟନ ତ୍ରୁଟିପୂର୍ଣ୍ଣ ହୋଇଛି। କୃଷି ଉତ୍ପାଦଗୁଡ଼ିକର କିଣାବିକା ସୁଗମ କରିବା ମାର୍କେଟର ମୂଳ କାମ। ବିଶେଷ କରି ଖୋଲା ନିଲାମ, ଉତ୍ପାଦର ଓଜନ ପ୍ରକ୍ରିୟା ଏବଂ ନିର୍ଦ୍ଦିଷ୍ଟ ଦେୟ ଉପରେ ସୁନିଶ୍ଚିତ କରି ଏହା ମୂଲ୍ୟ ନିର୍ଦ୍ଧାରଣରେ ସ୍ୱଚ୍ଛତା ଯୋଗାଇଦେବା ଉଚିତ। କିନ୍ତୁ ଏହା ସମ୍ପୂର୍ଣ୍ଣ ନିୟମ ବାହାରେ ରହିବା ଦ୍ୱାରା ମାର୍କେଟଗୁଡ଼ିକର କାର୍ଯ୍ୟ ଉପରେ ସରକାର ତାଙ୍କ ନିୟନ୍ତ୍ରଣ ହରାଇବେ। ସବୁ ଛାଡ଼-ଏହି ନୀତି ମାର୍କେଟର କାର୍ଯ୍ୟଧାରାକୁ ଆହୁରି ଖରାପ କରିବା ସହ ଅରାଜକତା ବ୍ୟାପିବ। ଏହା ଫଳରେ ଆଇନ ସ୍ୱୀକୃତ ବ୍ୟବସାୟୀମାନେ ମାର୍କେଟରୁ ଦୂରେଇ ଯିବେ।

ନିୟନ୍ତ୍ରିତ ବଜାରଗୁଡ଼ିକ ମୂଲ୍ୟ ସମ୍ପର୍କିତ ତଥ୍ୟ ସଂଗ୍ରହ କରିବା ଓ ମାର୍କେଟ ଇଣ୍ଟେଲିଜେନ୍ସ ଉପରେ ଏକ ପ୍ରମୁଖ ଭୂମିକା ନିର୍ବାହ କରନ୍ତି। ଏପିଏମ୍ସି ମାର୍କେଟରେ ପ୍ରଚଳିତ ମୂଲ୍ୟ ଏପରି କି ପ୍ରାଇଭେଟ ବ୍ୟବସାୟୀ ଓ ବାହାରେ କାରବାର କରୁଥିବା ବିକ୍ରେତାମାନଙ୍କୁ ଏକ ନ୍ୟୂନତମ ମାନଦଣ୍ଡ ପ୍ରଦାନ କରେ। ଏଣେତେଣେ ସ୍ୱାଧୀନ ଭାବେ ଅଧିକ ମାର୍କେଟ ଚାଲିଲେ ଏହା କୌଣସି ସୂଚନା ଯୋଗାଇ ଦେବାକୁ ସକ୍ଷମ ହେବ ନାହିଁ। ମୋଟ ଉପରେ ଯଦି ଏକ ଏକକ ଜାତୀୟ ମାର୍କେଟ ଗଠନ କରିବା ଲକ୍ଷ୍ୟ ରହିଛି ତେବେ ଏବେ ଲାଗୁ କରାଯାଇଥିବା ନୂଆ କୃଷି ଆଇନ ଏହା ହାସଲ କରିବାରେ କିଛି କାମ ଦେବ ନାହିଁ।

କୁହାଯାଉଛି, କିଛି ବ୍ୟବସାୟୀ ଗୋଷ୍ଠୀଙ୍କର ଏପିଏମ୍ସି ମାର୍କେଟରେ ମନମୁଖି କାରବାର ଯୋଗୁ ମଣ୍ଡିଗୁଡ଼ିରେ ମୂଲ୍ୟ କମ୍ ରହିବ। କୌଣସି କଟକଣା ନ ରହିଲେ ମଣ୍ଡି ମଧ୍ୟରେ ଥିବା ବ୍ୟବସାୟୀମାନେ ମଣ୍ଡି ବାହାରେ ସେମାନଙ୍କ ପ୍ରଭାବ ବିସ୍ତାର କରି ମାର୍କେଟ ଖୋଲିପାରିବେ। କୃଷକମାନେ ଅନୁଭବ କରୁଛନ୍ତି ଯେ,ଏଭଳି ଅନେକ ହୋଇପାରେ ଏବଂ କିଛି ବ୍ୟବସାୟିକ ସଂସ୍ଥା ବା ବ୍ୟବସାୟୀ ଜାତୀୟ ମାର୍କେଟ ଉପରେ ପ୍ରଭାବ ବିସ୍ତାର କରିବା ସହ ତାହାକୁ ଦଖଲ କରିନେବେ। କୃଷିରେ ଏଭଳି ସଂସ୍କାର ବୃହତ୍ କର୍ପୋରେଟ ହାଉସ୍ଗୁଡ଼ିକୁ ସାହାଯ୍ୟ କରିବା ଲାଗି ଅଭିପ୍ରେତ ବୋଲି ସେମାନଙ୍କ ମନରେ ଆଶଙ୍କା ରହିଛି।

ପଞ୍ଜାବ ଓ ହରିୟାଣା କୃଷକମାନେ ଯେଉଁମାନେ କି ଏମ୍ଏସ୍ପିରୁ ଅଧିକ ଲାଭ ପାଇଛନ୍ତି ମୁଖ୍ୟତଃ ସେମାନଙ୍କ ଦ୍ୱାରା ଏହି ଆନ୍ଦୋଳନ କରାଯାଉଥିବା କୁହାଯାଉଛି। ବଡ଼ଚାଷୀ ଏବଂ ମଧ୍ୟସ୍ଥମାନେ ଏହିଆନ୍ଦୋଳନକୁ ତେଜୁଥିବା ଅଭିଯୋଗ ହେଉଛି। କିନ୍ତୁ ପ୍ରଥମରୁ ଏହି ଆନ୍ଦୋଳନ ଆଗରେ ପଞ୍ଜାବୀମାନେ ରହିଥିଲେ ଓ ଏବେ ଭାରତର ସବୁ ଅଞ୍ଚଳର କୃଷକଙ୍କର ଏହା ସମର୍ଥନ ହାସଲ କରିଛି। ଏଥିରେ ବିରୋଧୀ ଦଳଗୁଡ଼ିକ ମଧ୍ୟ ଯୋଗଦେଇଛନ୍ତି। ଅକାଳୀ ଦଳ ଏବଂ ବିଜେଡି ଯେଉଁମାନେ ପ୍ରଥମରୁ ନୂଆ କୃଷି ଆଇନକୁ ସମର୍ଥନ କରୁଥିଲେ ଓ ଏବେ ଏଥିରୁ ଓହରି ଯାଇଛନ୍ତି। ଏହାଦ୍ୱାରା କୃଷକଙ୍କ ହିତ ହୋଇପାରିବ ନାହିଁ ବୋଲି ଏମାନେ ଅନୁଭବ କରିଛନ୍ତି। ଭାରତ ସରକାର ଏବେ ନରମିଛନ୍ତି ଓ ଏମ୍ଏସ୍ପି ଉପରେ ଏକ ଲିଖିତ ଆଶ୍ୱାସନା ଦେବା ସହ କୃଷକଙ୍କର ଅନେକ ଦାବିକୁ ମାନି ନେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। କିନ୍ତୁ କୃଷକମାନେ ତିନୋଟି ଯାକ ଆଇନକୁ ରଦ୍ଦ କରିବା ଉପରେ ଜୋର ଦେଇଛନ୍ତି। ଆମେ ଅପେକ୍ଷା କରିବା, ଦେଖିବା କେଉଁଟି ପ୍ରଥମେ ଓ ଶୀଘ୍ର ହେଉଛି। (କ୍ରମଶଃ)

ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ,
ପୂର୍ବତନ ଚେୟାରମ୍ୟାନ, ଏଗ୍ରିକଲଚରାଲ୍
ଆଣ୍ଡ ପ୍ରୋସେସ୍ଡ ଫୁଡ୍ ପ୍ରଡକ୍ଟସ ଏକ୍ସପୋର୍ଟ
ଡେଭେଲପ୍ମେଣ୍ଟ ଅଥରିଟି

## ଏଇ ଭାରତରେ

ଷଡ଼େଇରୁ ଆକର୍ଷଣୀୟ ଜିନିଷ ତିଆରି କରୁଛନ୍ତି ମହାରାଷ୍ଟ୍ରର ବିଜୟାନନ୍ଦ ଶେମ୍ବେକର। ବିଜୟାନନ୍ଦଙ୍କୁ ବୟସ ୫୯। ସେ ଦିନବେଳା ଅଫିସ୍ ଯାଆନ୍ତି ଓ ରାତିରେ ବାହାରି ଯାଆନ୍ତି ଷଡ଼େଇ ଗୋଟାଇବାକୁ। ଏମିତିକି ଷଡେଇ ଗୋଟାଇବାବେଳେ ସେ ପ୍ରଶାସନ ସନ୍ଦେହର ଶିକାର ହୋଇଛନ୍ତି। ଏ ସମ୍ପର୍କରେ ବି ତାଙ୍କୁ ସ୍ପଷ୍ଟୀକରଣ ଦେବାକୁ ପଡିଛି। ହେଲେ ସେ ତାଙ୍କ ନିଶାରୁ ଓହରିନାହାନ୍ତି। ଷଡେଇଗୁଡ଼ିକୁ ସଂଗ୍ରହ କରିବା ପରେ ବିଜୟାନନ୍ଦ ବିଭିନ୍ନ ପ୍ରକାର ଜିନିଷ ତିଆରି କରିବାରେ ଲାଗିଛନ୍ତି ଯାହାର ଚାହିଦା ଏବେ କାହିଁରେ କ'ଣ। ଏହାକୁ ସେ ରାଜ୍ୟରେ ଅନୁଷ୍ଠିତ ଆର୍ଟ ଗ୍ୟାଲେରିରେ ପ୍ରଦର୍ଶନ କରୁଛନ୍ତି। ଏହି କାର୍ଯ୍ୟ ସେ ୧୨ ବର୍ଷ ତଳେ ଆରମ୍ଭ କରିଥିଲେ। ସେ ଛୋଟ ଗାଡ଼ିଠାରୁ ଆରମ୍ଭ କରି ମନ୍ଦିର, ପଶୁ ତଥା ଗୃହ ସଜ୍ଜା ଉପକରଣର ପାଖାପାଖି ୪୦୦ଟି ଜିନିଷ ତିଆରି କରିଛନ୍ତି। କେବଳ ଷଡ଼େଇ ନୁହେଁ ସେ ନଡିଆ କତା, ପତ୍ର ଓ ଗଣ୍ଡି ମଧ୍ୟ ଉପଯୋଗ କରିଛନ୍ତି। ସେ ସ୍କୁଲପିଲା ଓ ବୟସ୍କମାନଙ୍କୁ ଏହି କଳା ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଡିସେମ୍ବର ୧୯୯୫

- ଚୀନ୍ ସମ୍ପର୍କରେ ଚୀନ୍ବାସୀଙ୍କୁ ସମ୍ପୂର୍ଣ୍ଣ ଓଲଟା ତଥ୍ୟ ପ୍ରଦାନ କରୁଥିବା ଅଭିଯୋଗରେ ଜର୍ମାନ ସାମ୍ବାଦିକ ହେନରିକ ବୋର୍କ ବହିଷ୍କୃତ।
- ତାମିଲନାଡୁକୁ ୧୧ଟି ଏମ୍ସି ଜଳ ଯୋଗାଇ ଦେବାକୁ କାବେରୀ ଜଳବିବାଦ ଟ୍ରିବ୍ୟୁନାଲ କର୍ଣ୍ଣାଟକ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଚିରନ୍ତନୀ

ଆକାଶର ଶଶୀ ସମ ଦୂରେ
କେତେ ରୂପ ପରଶିଲା ପ୍ରାଣେ
ଆକାଶର ଶଶୀ ସମ ମୋର
କେତେ ରୂପ ହେଲା ପ୍ରିୟତର
ଯଉବନ ଉଦ୍ଦାମ ଗାନେ
କେତେ ରୂପ ପରଶିଲା ପ୍ରାଣେ।
(ପୌଷ–ମଳୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଏ ସମସ୍ୟା ସମାଧାନ କରାଯାଉ

ମହାଶୟ,

ବିଦ୍ୟାଧରପୁର ୱାର୍ଡ ନଂ ୮ର ଦ୍ୱାରଦେଶ ବିଦ୍ୟୁତ୍ ଖୁଣ୍ଟରେ ଏକ ଏଲ୍ଇଡି ଆଲୁଅ ଲାଗିଥିଲା। ଏହା ଦଶ ମାସ ତଳର ଘଟଣା। ଏହି ଏଲ୍ଇଡି ଆଲୁଅ ଲାଗିବା ଦିନଠାରୁ ଅକାମୀ ରହିବା କର୍ମକର୍ତ୍ତା, ମିସ୍ତ୍ରି ତଥା ସରପଞ୍ଚ ଜାଣି ମଧ୍ୟ ଯେତେ କହିଲେ ବି ଆଲୁଅ ଜଳିପାରିଲା ନାହିଁ। ସାହି ଲୋକେ ଅନ୍ଧକାରରେ ରହିବାନେଇ ସରପଞ୍ଚଙ୍କୁ ଏବଂ ବିଦ୍ୟୁତ୍ କର୍ମଚାରୀଙ୍କୁ ଜଣାଇ ଦିଆଗଲା। ଏବେ ପନ୍ଦର ଦିନ ତଳେ ଏହା ଖୋଲି ଦିଆଗଲା। ଏହା ବ୍ଲକ୍ ଅଧୀନରେ ହେବ ବୋଲି ସରପଞ୍ଚ କହି ଦଶ ମାସ ଗଡ଼ିଗଲାଣି। ଅନେକ ଆଲୁଅ ମଧ୍ୟ ଜଳୁନାହିଁ। ଦ୍ୱିତୀୟତଃ ଚନ୍ଦନପୁର ବ୍ରାଞ୍ଚ କେନାଲ ପିଚ୍ଛଲୁଡି ରାସ୍ତାରୁ ପିଚୁ ଉଠି ମରଣଯନ୍ତା ହେବା ଖବର ଅନେକ ଥର ଖବରକାଗଜରେ ପ୍ରକାଶ ପାଇ ମଧ୍ୟ ଗୁଆଲିଗୋରଡାଠାରୁ କଳାପାହାଡ଼ ଓ ବଳପୁରଠାରୁ ସାରଙ୍ଗଯୋଡି ପର୍ଯ୍ୟନ୍ତ ମେନ୍ କେନାଲ ରାସ୍ତା ସେହିପରି ରହିଅଛି। ରାସ୍ତା ପ୍ରଶସ୍ତୀକରଣ ହେବା ଲକ୍ଷ୍ୟରେ କେନାଲ ବନ୍ଧରେ ଯେଉଁ ମାଟି ଲଦା ହୋଇଥିଲା ତାହା ଧୋଇଗଲାଣି। ତୃତୀୟତଃ ବିଦ୍ୟାଧରପୁର ଗ୍ରାମ ପଞ୍ଚାୟତରେ ପାନୀୟ ଜଳ ପମ୍ପଘର ଟ୍ରାନ୍ସଫର୍ମର ଫନୀ ବାତ୍ୟାରେ ବିଧ୍ୱସ୍ତ। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଅନୁରୋଧ।

ରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଲିଗୋରଡ଼ା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ୧୨ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୧ ଗିରଫ

**ପାପଡାହାଣ୍ଡି,୧୯।୧୨(ଡି.ଏନ୍.ଏ.)** ନବରଙ୍ଗପୁର ଜିଲା ପାପଡାହାଣ୍ଡି ପୋଲିସ ଚାଲାଣବେଳେ ଗୋଟିଏ ବାଇକରୁ ୧୨କେଜି ୮୦୦ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ କଳାହାଣ୍ଡି ଜିଲା ଜୁନାଗଡ଼ ଅଞ୍ଚଳର ନିଖିଳ କୁମାର ମୁଣ୍ଡ। ପାପଡାହାଣ୍ଡି ବ୍ଲକ ମୃଗ ବିହାର ନିକଟରେ ଯାନବାହାନ ଯାଞ୍ଚ କରାଯାଉଥିଲା। ନିଖିଳଙ୍କୁ ଦେଖି ସନ୍ଦେହ ହେବାରୁ ପୋଲିସ ତାଙ୍କୁ ଅଟକାଇ ଗାଡି ଯାଞ୍ଚ କରିଥିଲା। ସେଥିରୁ ଗଞ୍ଜେଇ ମିଳିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରାଯାଇଥିଲା।

## ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶଯ୍ୟା ସଂଖ୍ୟା ବୃଦ୍ଧି ଦାବି

**ଚନ୍ଦାହାଣ୍ଡି, ୧୯।୧୨(ଡି.ଏନ୍.ଏ.)** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବେଡ୍ ସଂଖ୍ୟା ବୃଦ୍ଧି କରିବାକୁ ଦାବି ହୋଇଛି। ଡାକ୍ତରଖାନାରେ ଆବଶ୍ୟକ ସଂଖକ ବେଡ୍ ନ ଥିବାରୁ ରୋଗୀଙ୍କୁ ତଳେ ଶୁଆଇବାକୁ ପଡୁଛି। ଏହକୁ ନେଇ ଲୋକଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖା ଦେଉଛି।

ପ୍ରକାଶ ଯେ, ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସଂଗ୍ରାମ କେଶରୀ ସାହୁଙ୍କ ତତ୍ତ୍ୱାବଧାନରେ ଡାକ୍ତରଖାନାରେ ଏକ ପରିବାର ନିୟୋଜନ ଅସ୍ତ୍ରୋପଚାର ଶିବିର କରାଯାଇଥିଲା। ଏଥିରେ ଉମରକୋଟ ଜୋନାଲ ହସ୍ପିଟାଲର ସ୍ତ୍ରୀ ଏବଂ ପ୍ରସୂତି ବିଶେଷଜ୍ଞ ଡାକ୍ତର ସୁମନ୍ତ ରାଉଳ ଚନ୍ଦାହାଣ୍ଡି ଅଞ୍ଚଳର ୨୯ଜଣ ମହିଳାଙ୍କୁ ପରିବାର ନିୟୋଜନ ଅସ୍ତ୍ରୋପଚାର କରିଥିଲେ। ଡାକ୍ତରଖାନାରେ ୧୬ଟି ବେଡ୍ ଥିବାବେଳେ ଏଥିରେ ପୂର୍ବରୁ ୪ ଜଣ ରୋଗୀ ରହିଥିଲେ। ମହିଳାଙ୍କ ପାଇଁ ବେଡ୍ ଅଭାବ ହେବାରୁ ସେମାନଙ୍କୁ ତଳେ ଶୁଆଇବାକୁ ପଡିଥିଲା। ଏହାକୁ ନେଇ ମହିଳାଙ୍କ ପରିବାର ଲୋକଙ୍କ ମଧରେ ଅସନ୍ତୋଷ ଦେଖାଦେଇଥିଲା। ଡାକ୍ତରଖାନାର ବେଡ୍ ସଂଖ୍ୟା ବୃଦ୍ଧି କରିବାକୁ ଦାବି ହୋଇଛି। ଏ ସଂପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସଂଗ୍ରାମ କେଶରୀ ସାହୁଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିଛନ୍ତି। ଶଯ୍ୟା ସଂଖ୍ୟା ବୃଦ୍ଧି କରିବାକୁ ଜିଲା ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଛନ୍ତି।

## ଜିଲା ଦଳିତ ସମାଜ ବିକାଶ ପରିଷଦର ବାର୍ଷିକ ଉତ୍ସବ

**ସେମିଳିଗୁଡା,୧୯।୧୨(ସ୍ୱ.ପ୍ର.)** କୋରାପୁଟ ଜିଲା ଦଳିତ ସମାଜ ବିକାଶ ପରିଷଦର ଦ୍ୱିତୀୟ ବାର୍ଷିକ ଉତ୍ସବ ଗୁଣ୍ଡିଚା ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ପ୍ରଧାପକ ଶଙ୍କର ପ୍ରସାଦ ଦୁରିଆ, ମୁଖ୍ୟବକ୍ତା ଭାବେ ରଞ୍ଜନ କୁମାର ମଦୁରିଆ, ସମ୍ମାନିତ ଅତିଥି ରୂପେ ତପ୍‌ସିର କୁମାର ଖୋସଲା ଯୋଗ ଦେଇଥିଲେ। କୋରାପୁଟ ଜିଲାର ବିକାଶର ଧାରାକୁ ଆଗକୁ ନେଇ ଜନସାଧାରଣଙ୍କ ମଧରେ ଭାଇଚାରା ସୃଷ୍ଟିକରି ମିଳିମିଶି କାର୍ଯ୍ୟ କରିବା ଲାଗି ପରାମର୍ଶ ଦେଇଥିଲେ। ସମାଜରେ ଦଳିତମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ନେଇ ସରକାରଙ୍କ ନିକଟରେ ଦାବି ଉପସ୍ଥାନ କରିବା ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତ ରଖିଥିଲେ। ପରିଷଦର ସଭାପତି ଡମ୍ବୁରୁ କୁଳଦୀପ ବିବରଣୀ ପାଠ, ସାଧାରଣ ସମ୍ପାଦକ ଲୋକନାଥ କଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜେଶ ଖରା ଧନ୍ୟବାଦ ଦେଇଥିଲେ। ଜୟସେନ ବାଘ, ନନ୍ଦ ଖେମୁଣ୍ଡୁ ଓ ପ୍ରକାଶ ଖୋସଲାଙ୍କ ସମେତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଟ୍ରକ୍-ବାଇକ୍ ଧକ୍କା, ଜଣେ ଗୁରୁତର

**ପାରଳାଖେମୁଣ୍ଡି,୧୯।୧୨ (ଡି.ଏନ୍.ଏ.)-** ପାରଳାଖେମୁଣ୍ଡିଠାରେ ଶୁକ୍ରବାର ସକାଳ ପ୍ରାୟ ୭ଟାରେ ଘନ କୁହୁଡ଼ି ଯୋଗୁ ଏକ ଦୁର୍ଘଟଣା ଘଟିଛି। ଗୁମ୍ମା ବ୍ଲକ ଝାମ୍ପି ଗ୍ରାମର ଦିଲେଶ୍ୱର ରାଓ ଶଶୁର ପି. ସୁରିୟା ନାରାୟଣଙ୍କ ସହ ଏକ ବାଇକ୍ (ନଂ.ଓଆର୨୦-୩୫୫୩)ରେ ମେଡିକାଲରୁ ଗ୍ରାମକୁ ଫେରୁଥିବାବେଳେ ଟାଉନ୍ ହଲ ନିକଟରେ ଏକ ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ପୋଲିସ ଓ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଆମ୍ବୁଲାନ୍ସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି।

# ନିର୍ଦ୍ଧାରିତ ସମୟରେ ଚାର୍ଜଶିଟ୍ ଦାଖଲ କରିପାରୁନି ପୋଲିସ

**ଗୁଣପୁର,୧୯।୧୨(ଡି.ଏନ୍.ଏ.)–**




ରାୟଗଡ଼ା ଜିଲା ଗୁଣପୁର ପୋଲିସ ବିଭିନ୍ନ ଆପରାଧିକ ମାମଲାରେ ନିର୍ଦ୍ଧାରିତ ସମୟରେ ଚାର୍ଜଶିଟ୍ ଦାଖଲ ନ କରିବା କାରଣରୁ ଅନେକ ଅଭିଯୁକ୍ତ ତଳ କୋର୍ଟରେ ଜାମିନ ପାଇବା ସହଜ ହେଉଛି। ପୋଲିସର ତଦନ୍ତ ପ୍ରକ୍ରିୟାରେ ଢିଲା ନୀତି ଅପରାଧୀମାନେ ଦଣ୍ଡ ପାଇବା ବଦଳରେ ଆଇନ କବଳରୁ ଖସିଯିବାର ବାଟ ପାଉଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ, ଗୁଣପୁର ଆଦର୍ଶ ଥାନାର ତଦନ୍ତକାରୀ ଅଧିକାରୀମାନେ ୨ ପ୍ରମୁଖ ଘଟଣାରେ ନିର୍ଦ୍ଧାରିତ ସମୟରେ ଚାର୍ଜଶିଟ୍ ଦାଖଲ କରିପାରି ନ ଥିବାରୁ ଅଭିଯୁକ୍ତମାନେ ଆଇନ ମୁତାବକ ଏସ୍‌ଡିଜେଏମ୍‌ଙ୍କ କୋର୍ଟରୁ ଜାମିନ ପାଇଥିବା ଜଣାପଡ଼ିଛି। ୭ ଲକ୍ଷ ଟଙ୍କାର ଗୁଟ୍‌ଖା ଜବତ ଘଟଣା ଏବଂ ଜାଲ୍‌ନୋଟ୍ କାରବାର ଭଳି ୨ ଗୁରୁତର ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତମାନେ ଜାମିନ ପାଇବାରେ ସଫଳ ହୋଇଛନ୍ତି। ଏହା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସେହିପରି ଜୁଲାଇ ୧୭ରେ ଗୁଣପୁର ପୋଲିସ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ନିକଟରୁ ଏକ ଗୁଟ୍‌ଖା ବୋଝେଇ ଟ୍ରକ୍ ଜବତ କରିଥିଲା। ଏହି ଘଟଣାରେ ଗାଡ଼ି ମାଲିକ ପଞ୍ଚାନନ ପ୍ରଧାନ ଏବଂ ଚାଳକ ବୁଦ୍ଧିଆ ଶବରଙ୍କୁ ଗିରଫକରି ଜୁଲାଇ ୧୮ରେ କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ପରବର୍ତ୍ତୀ ସମୟରେ ଗୁଣପୁର ଅଞ୍ଚଳର ଏସ୍. ନାଗେଶ୍ୱର ରାଓ, ଟି.ଚନ୍ଦ୍ରଭୂଷଣ ରାଓ, ଜି. ଗଙ୍ଗାଧର ରାଓ, ବି. ସନ୍ତୋଷ କୁମାର, ଭି. ଶିବାଙ୍କୁ ମଧ ଗିରଫ କରାଯାଇଥିଲା। ତେବେ ଘଟଣାର ତଦନ୍ତକରି ୧୨୦ ଦିନ ମଧରେ ପୋଲିସ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିବା ନିୟମ ରହିଛି। କିନ୍ତୁ ପୋଲିସ ଏହି ଘଟଣାରେ ୧୨୪ଦିନ ଅର୍ଥାତ୍ ନଭେମ୍ବର ୧୮ରେ ଚାର୍ଜଶିଟ୍ ଦାଖଲ କରିଥିଲା। ଚାର୍ଜଶିଟ୍ ଦାଖଲରେ ବିଳମ୍ବ ଯୋଗୁ ଫୌଜଦାରି କାର୍ଯ୍ୟବିଧି ସଂହିତାର ଧାରା ୧୬୭(୨)ଅନୁଯାୟୀ ଅଭିଯୁକ୍ତ ପଞ୍ଚାନନ ପ୍ରଧାନ ତାଙ୍କ ଓକିଲ ପ୍ରତାପ ରାଓଙ୍କ ଜରିଆରେ ସେହିଦିନ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଜାମିନ ଆବେଦନ କରିଥିଲେ। ନଭେମ୍ବର ୧୯ରେ ସେ ଜାମିନ ପାଇଥିଲେ। ଅନ୍ୟ ଅଭିଯୁକ୍ତମାନେ ପୂର୍ବରୁ ଉପର କୋର୍ଟରୁ ଜାମିନ ପାଇଥିଲେ। ସେହିପରି ଜାଲ୍ ନୋଟ୍ କାରବାର ମାମଲାରେ ତଦନ୍ତକାରୀ ଅଧିକାରୀଙ୍କ ଚାର୍ଜଶିଟ୍ ଦାଖଲରେ ବିଳମ୍ବ ଯୋଗୁ ୧୬୭(୨) ଧାରା ଅନୁଯାୟୀ ଅଭିଯୁକ୍ତମାନେ ଏସ୍‌ଡିଜେଏମ୍‌ଙ୍କ କୋର୍ଟରୁ ଜାମିନ ପାଇଛନ୍ତି। ସୂଚନାଯୋଗ୍ୟ, ଜାଲ୍ ନୋଟ୍ କାରବାରରେ ଗୁଣପୁର ପୋଲିସ ଅଗଷ୍ଟ ୬ରେ ରହିମା ବିବିଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଏହାର କିଛିଦିନ ପରେ ପୋଲିସ ତାଙ୍କ ସ୍ୱାମୀ ମହମ୍ମଦ ହବିବ୍‌ଙ୍କୁ ମଧ

**ଅଭିଯୁକ୍ତଙ୍କ ପାଇଁ ଜାମିନ ପଥ ପରିଷ୍କାର**

ଗିରଫକରି କୋର୍ଟ ଚାଲାଣ କରିଥିଲା। ଦୁହେଁ ଗୁଣପୁର ଜେଲ ହାଜତରେ ଥିଲେ। ଏଠାରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ଡିସେମ୍ବର ୨ରେ ପୋଲିସ ଚାର୍ଜଶିଟ୍ ଦାଖଲ କରିବାର ଥିଲା ଏବଂ ଡିସେମ୍ବର ୧୬ରେ ଏହାର ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଥିଲା। କିନ୍ତୁ ପୋଲିସ ଅଦ୍ୟାବଧି ଚାର୍ଜଶିଟ୍ ଦାଖଲକରି ନ ଥିବା ଜଣାପଡ଼ିଛି। ତେଣୁ ଅଭିଯୁକ୍ତଙ୍କ ଓକିଲ ଉମାଚରଣ ପଟ୍ଟନାୟକ ଡିସେମ୍ବର ୧୦ରେ ଗୁଣପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ପୁଣି ସେମାନଙ୍କ ଜାମିନ ପାଇଁ ଆବେଦନ କରିଥିଲେ। ଆଇନ ମୁତାବକ ୧୪ରେ ଦୁଇ ଅଭିଯକ୍ତଙ୍କୁ ଜାମିନ ମିଳିଛି। ଅପରପକ୍ଷେ ୧୬ରେ ସେମାନଙ୍କ ଜାମିନ ନେଇ ହାଇକୋର୍ଟରେ ଶୁଣାଣି ରହିଥିଲା। ହେଲେ ସେମାନେ ଏସ୍‌ଡିଜେଏମ୍‌ଙ୍କ କୋର୍ଟରୁ ଜାମିନ ପାଇଥିବାରୁ ହାଇକୋର୍ଟରେ କରିଥିବା ଜାମିନ ଆବେଦନ ପ୍ରତ୍ୟାହାର କରିଥିଲେ। ତେବେ ଏହି ସମସ୍ତ ଘଟଣାକୁ ବିଚାରକୁ ନେଲେ ପୋଲିସର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଶାଳକାଠ ଜବତ, ୩ ଗିରଫ



ଗିରଫ ଅଭିଯୁକ୍ତମାନେ।

**ଡାବୁଗାଁ, ୧୯।୧୨(ଡି.ଏନ୍.ଏ.)** ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳ ଅଧୀନ କୋଇଲାରୀ ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ ଚଢାଉ କରି ୩ କାଠ ଚୋରଙ୍କୁ ଗିରଫ କରିଛି। ସେମାନେ ହେଲେ ସାନ କୋଇଲାରୀ ଗ୍ରାମର ସତ୍ୟ ପୂଜାରୀ (୩୧), ବଳରାମ ଗଣ୍ଡ (୩୬) ଓ ମଙ୍ଗରାଜ ଗୌଡ (୨୫)। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଶୁକ୍ରବାର ଡାବୁଗାଁ ବନାଞ୍ଚଳ ଅଧୀନ କୋଇଲାରୀ ସଂରକ୍ଷିତ ଜଙ୍ଗଲରେ ଅଭିଯୁକ୍ତମାନେ ବେଆଇନଭାବେ ୩ଟି ଶାଳ ଗଛ କାଟି ସିଲପଟ ତିଆରି କରୁଥିବା ବନ ବିଭାଗ ଖବର ପାଇ ସେଠାରେ ଚଢାଉ କରିଥିଲା। ଘଟଣାସ୍ଥଳରୁ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ୧ଟି ଶାଳ ସିଲପଟ, କିଛି ଚିରା କାଠ ଓ ୩ ଟି ଟାଙ୍ଗିଆ ଜବତ ହୋଇଛି। ଏନେଇ ବନାଞ୍ଚଳ କାର୍ଯ୍ୟାଳୟରେ ଏକ ମାମଲା ରୁଜୁ କରାଯାଇଛି। ଜବତ କାଠର ଆନୁମାନିକ ମୂଲ୍ୟ ୨୦ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ବନାଞ୍ଚଳ ଅଧିକାରୀ ସେତୁରଞ୍ଜନି ଗମାଙ୍ଗୋ କହିଛନ୍ତି। ଚଢାଉରେ ଡାବୁଗାଁ ବନପାଳ ଲକ୍ଷ୍ମୀକାନ୍ତ ସାହୁ, ବନରକ୍ଷୀ ପ୍ରକାଶ ସରକାର, ମନୋରଞ୍ଜନ ନାୟକ, ରିତାରାଣୀ ବିଶ୍ୱାସରାୟ, କୁନ୍ତଳା କୁମାରୀ ଖୁରା ଓ ବନ କର୍ମଚାରୀମାନେ ସାମିଲ ଥିଲେ।

## ଇଚ୍ଛାଶକ୍ତି ଦେଉଛି ସାମର୍ଥ୍ୟ

**ଏମଭି ୭୯,୧୯।୧୨(ଡିଏନଏ)**



ଗଙ୍ଗାଧର।

ଜନ୍ମର ଦୁଇ ମାସ ପରେ ସେ ପାଲଟିଗଲେ ଦିବ୍ୟାଙ୍ଗ। ବାମ ଗୋଡ ନିଆଁରେ ପୋଡ଼ି ହୋଇ ତାଙ୍କପାଇଁ ଦିବ୍ୟାଙ୍ଗର ପରିଚୟ ଆଣିଦେଲା। ତଥାପି ସେ ହାରିନାହାନ୍ତି। ଏକାଏକା ବାଡିଧରି ତ ଗୁରୁଣ୍ଡି ଗୁରୁଣ୍ଡି ଚାଲୁଛନ୍ତି। ନିଜ କାମ ନିଜେ କରୁଛନ୍ତି। ସେ ହେଉଛନ୍ତି ମାଲକାନଗିରି ଜିଲା କାଲିମେଳା ବ୍ଲକ ମହାରାଜପାଲି ପଞ୍ଚାୟତ କୋଇକୋଣ୍ଡା ଗ୍ରାମର ଗଙ୍ଗାଧର ଧାର୍ମୁ। ନବମ ଶ୍ରେଣୀରେ ପାଠ ପଢୁଥିବା ଗଙ୍ଗାଧର ବିଦ୍ୟାଳୟ ଯିବା ବେଳେ କଷ୍ଟ ଅନୁଭବ କରୁଛନ୍ତି, ତଥାପି ପାଠ ପଢିବାର ଆଗ୍ରହ ଯୋଗୁ ସବୁ କଷ୍ଟ ଭୁଲିଯାଉଛନ୍ତି। ଗୋଡ ପୋଡିଯିବା ପରେ ପରିବାର ଲୋକେ ଗଙ୍ଗାଧରଙ୍କୁ ପ୍ରଥମେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ପରେ ବ୍ରହ୍ମପୁର ନେଇ ଚିକିତ୍ସା କରିଥିଲେ। ମାତ୍ର କିଛି ସୁଫଳ ମିଳିଲାନି। ଶେଷରେ କଟକ ମେଡ଼ିକାଲକୁ ଯାଇଥିଲେ ସେଠାରେ ଡାକ୍ତର ତାଙ୍କ ଗୋଡ ଅପରେସନ କରିବାକୁ କହିଥିଲେ। ଏଥିପାଇଁ ୮୦ ହଜାର ଟଙ୍କା ଖର୍ଚ୍ଚ ହେବ ଶୁଣି ପରିବାର ଲୋକେ ପଛଘୁଞ୍ଚା ଦେଇଥିଲେ। ଅଭାବ, ଦୁଃଖକଷ୍ଟରେ ଚଳୁଥିବା ପରିବାର ଏତେ ଟଙ୍କା କୋଉଠୁ ଆଣିବେ ଚିନ୍ତା କରି ତାଙ୍କୁ ଧରି କଟକରୁ ଗ୍ରାମକୁ ଚାଲିଆସିଥିଲେ। କୃତ୍ରିମ ଗୋଡ଼ ଲଗାଇଲେ ସେ ସମସ୍ତଙ୍କ ପରି ସ୍ୱାଭାବିକ ଚଳପ୍ରଚଳ କରିପାରନ୍ତେ। ଏଥିପାଇଁ ମଧ ତାଙ୍କ ପାଖରେ ସମ୍ବଳ ନାହିଁ। ସରକାରୀ ସହାୟତା କିମ୍ବା କେହି ବଦାନ୍ୟ ବ୍ୟକ୍ତି ତାଙ୍କୁ ଆର୍ଥିକ ସହଯୋଗ କଲେ ସେ ଉପକୃତ ହୁଅନ୍ତେ ବୋଲି ଆଶା ରଖିଛନ୍ତି। ମାଆଙ୍କ ମୃତ୍ୟୁ ପରେ ବାପା ହିଁ ହେଉଛନ୍ତି ତାଙ୍କ ପାଇଁ ସବୁକିଛି। ତିନି ଭଉଣୀ ଦୁଇ ଭାଇଙ୍କୁ ନେଇ ତାଙ୍କ ପରିବାର। ସେ ରୋଷେଇ କରି ଭଉଣୀଭାଇଙ୍କୁ ଖୁଆଇ ଦେଉଛନ୍ତି। ସେମାନଙ୍କ ପଢାପଢି ଦେଖୁଛନ୍ତି। ନଳକୂପରୁ ପାଣି ଆଣିବାରେ ସେମାନଙ୍କୁ ସାହାଯ୍ୟ କରୁଛନ୍ତି। ସରକାରୀ ସହାୟତ ରୂପେ ଗଙ୍ଗାଧରଙ୍କୁ ମିଳୁଛି ରାଶନ ଚାଉଳ ଓ ଭତ୍ତା ବାବଦକୁ ୭ଶହ ଟଙ୍କା। ଏ ସମ୍ପର୍କରେ କାଲିମେଳା ତହସିଲଦାରଙ୍କ ଦଅଷ୍ଟି ଆକର୍ଷଣ କରିବାରୁ ସେ ଗଙ୍ଗାଧରଙ୍କ ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇ ଦେବେ ବୋଲି କହିଛନ୍ତି।




ମାଲକାନଗିରିଠାରେ ଅନୁଷ୍ଠିତ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଯବାନ, ଅଧିକାରୀ ଓ ଅନ୍ୟମାନେ।

## ବିଏସ୍‌ଏଫ୍ ପକ୍ଷରୁ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ

**ମାଲକାନଗିରି,୧୯।୧୨(ଡି.ଏନ୍.ଏ.)–** କେନ୍ଦ୍ର ସରକାରଙ୍କ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମାଲକାନଗିରିସ୍ଥିତ ୩ ନମ୍ବର ବିଏସ୍‌ଏଫ୍ କ୍ୟାମ୍ପଠାରେ ୧୬୦ ବାଟାଲିୟନ ପକ୍ଷରୁ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ବିଏସ୍‌ଏଫ୍ ଯବାନ, ଅଧିକାରୀ, ଯୁବତୀଯୁବକ,ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗେ ଦେଇ ୫ କିଲୋମିଟର ପଦଯାତ୍ରା କରିଥିଲେ। ମଣିଷ ସୁସ୍ଥ ରହିବା ପାଇଁ ଯୋଗ, ବ୍ୟାୟାମ ଓ ପ୍ରାତଃଭ୍ରମଣର କିଭଳି ଆବଶ୍ୟକତା ସମ୍ପର୍କରେ ଅଧିକାରୀମାନେ ବୁଝାଇଥିଲେ।

## ୧୮ ଦୋକାନ ଉପରେ ଚଢାଉ

**ଜୟପୁର, ୧୯।୧୨(ନି.ପ୍ର.)** ଜୟପୁର ସହରକୁ ପଲିଥିନମୁକ୍ତ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏକ ଟିମ ଗଠନ କରାଯାଇ ଶନିବାର ସହରର ୧୮ଟି ଦୋକାନ ଉପରେ ଚଢାଉ କରାଯାଇ ୫୦ ମାଇକ୍ରୋନରୁ କମ୍ ଥିବା ୧୫୦ କେଜି ବେଆଇନ ପଲିଥିନକୁ ଜବତ କରାଯାଇଛି। ଏଥିସହ ମୁଖ୍ୟରାସ୍ତା, ଦୈନିକ ବଜାର, ଏମଜିରୋଡରେ ଥିବା ବିଭିନ୍ନ ହୋଟେଲ ଉପରେ ଟିମ୍ ଚଢାଉ କରି ଖାଦ୍ୟର ମାନ ଯାଞ୍ଚ କରିଛି। ପୌର ପରିଷଦର ଷ୍ଟଲ ଭଡା ନେଇ ଭଡା ଦେଉ ନ ଥିବା ଷ୍ଟଲ ମାଲିକଙ୍କ ଷ୍ଟଲ ସିଜ କରାଯାଇଛି। ଜାତୀୟ ରାଜପଥ କଡରେ ଲାଗିଥିବା ହୋଡିଂକୁ ମଧ ବାହାର କରିଦେଇଛି ଏହିଟିମ୍। ପଲିଥିନ ଜବତ କରି ଏବାବଦରେ ୪୧ ହଜାର ୮ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଚଢାଉରେ ଅତିରିକ୍ତ ତହସିଲଦାର ଅଶ୍ୱିନ ମହାପାତ୍ର, ନିଳାମ୍ବର ପୂଜାରି, ସ୍ୱାସ୍ଥ୍ୟ ଅଧିକାରୀ ଅରୁଣ ପାଢୀଙ୍କ ସହ ପୌର କର୍ମଚାରୀମାନେ ସାମିଲ ଥିଲେ।

## ଡାକ୍ତର, ସ୍ୱାସ୍ଥ୍ୟକର୍ମୀ କଲେ ରକ୍ତଦାନ

**ମାଲକାନଗିରି,୧୯।୧୨(ଡି.ଏନ୍.ଏ.)** ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ଏକ ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାର ବରିଷ୍ଠ ଭେସଜ ବିଶେଷଜ୍ଞ ଡା.ପ୍ରଫୁଲ୍ଲ କୁମାର ବେହେରାଙ୍କ ସମେତ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟକର୍ମୀ, ନର୍ସ, ଫର୍ମାସିଷ୍ଟଙ୍କ ସମେତ ଅନ୍ୟମାନେ ରକ୍ତଦାନ କରି ଏକ ନୂଆ ଧାରା ସୃଷ୍ଟି କରିଛନ୍ତି। ଚିକିତ୍ସାଳୟର ୫ମ ମହଲରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ଡା. ବେହେରା ଉଦ୍‌ଘାଟନ କରିଥିଲେ। ସେ ରକ୍ତଦାନର ମହତ୍ୱ ଓ ଉପକାରିତା ସମ୍ପର୍କରେ ସୂଚନା ଦେଇ ଜଣେ ସୁସ୍ଥ ମଣିଷ ବର୍ଷକୁ ଦୁଇଥର ରକ୍ତଦାନ କରିବା ଉଚିତ ବୋଲି କହିଥିଲେଶିବିରରୁ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ବଣ୍ଡା ଘାଟିରେ ଓଲଟିଲା ପିକଅପ୍ ଭ୍ୟାନ୍

**ପ୍ରସୂତିଙ୍କ ସମେତ ୪ ଗୁରୁତର**

**ଖଇରପୁଟ ୧୯।୧୨(ଡି.ଏନ୍.ଏ.)** ମାଲକାନଗିରି ଜିଲା ଖଇରପୁଟ ବ୍ଲକର ବଣ୍ଡାଘାଟିରେ ଶନିବାର ଏକ ପିକଅପ ଭ୍ୟାନ୍ ଓଲଟି ୪ଜଣ ଗୁରୁତର ହୋଇଛନ୍ତି। ବଣ୍ଡାଘାଟି ଗ୍ରାମର ଜଣେ ପ୍ରସୂତିଙ୍କୁ ନେଇ ଭ୍ୟାନଟି ମୁଦୁଲିପଡା ଯାଉଥିବା ବେଳେ ଏକ ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ଫଳରେ ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ବେଳେ ଅନ୍ୟ ୪ଜଣ ଙ୍କୁ ଗୁରୁତର ହୋଇଛନ୍ତି। ଗର୍ଭବତୀ ଜଣଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଜଣଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ସେମାନେ ହେଲେ ଗୁଲୁଙ୍ଗୁପଦର ଗ୍ରାମର ଗୁରୁବାରୀ ମୁଦୁଲି, ହାଡି କିର୍ସାନି, ବନ୍ଧଗୁଡାର ସୁକାନ୍ତି କିର୍ସାନି ପେଡେଲଗୁଡାର ସମ୍ବାରି ଚଲାଣ। ଗୁରୁବାରୀଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଜଣଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ୨ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଯାଇଛି। ମୁଦୁଲିପଡା ପୋଲିସ ଘଟଣାର ତଦନ୍ତ କରୁଛି।



ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ ଭ୍ୟାନ।

# ବିପଦ ସୃଷ୍ଟି କରୁଛି ତେନ୍ତୁଳିଗଛ

**ଜୟପୁର, ୧୯।୧୨ (ନି.ପ୍ର.)** ଜୟପୁର ୧ ନଂ. ୱାର୍ଡ ଗାଦବାସାହି ଉନ୍ନିତ ବିଦ୍ୟାଳୟ ତଥା ପଞ୍ଚବଟୀ କଲ୍ୟାଣ ମଣ୍ଡପ ରାସ୍ତାରେ ଏକ ତେନ୍ତୁଳିଗଛ ପ୍ରାୟ ୩୦ ବର୍ଷ ହେବ ରହିଛି। ଏହି ଗଛ ଉପର ଦେଇ ବିଦ୍ୟୁତ ତାର ବିଭିନ୍ନ ଘର ତଥା ଅନ୍ୟସ୍ଥାନକୁ ଯାଇଛି। ଉପ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୩ ଶହ ମିଟର ଦୂରରେ ରହିଥିବା ଏହି ଗଛକୁ କାଟିବା ଲାଗି ସାହିବାସିନ୍ଦା ୨୦୧୫ରୁ ଏଯାଏ ଅନେକ ଥର ପୌର କାର୍ଯ୍ୟାଳୟକୁ ଜଣାଇଥିଲେ ମଧ ପୌର ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। ବର୍ଷା ଦିନେ ଏହି ତାର ବିପଦ ସୃଷ୍ଟି କରୁଛି। ଗଛର ଦୁଇପଟେ ବିଦ୍ୟୁତ୍ ଖୁଣ୍ଟ ଥିଲେ ମଧ ତେନ୍ତୁଳି ଗଛକୁ ଏକ ଖୁଣ୍ଟି ରୂପେ ବିଭାଗ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ପୌର ପ୍ରଶାସନ ତୁରନ୍ତ ସମସ୍ୟାର ସମାଧାନ ନ କଲେ ଯେକୌଣସି ସମୟରେ ଅଘଟଣ ଘଟିବାର ଅଙ୍କାକୁ ଏଡାଯାଇନପାରେ।



ତେନ୍ତୁଳି ଗଛ ଉପରେ ବିଦ୍ୟୁତ୍ ତାର ଯାଇ ବିପଦ ସୃଷ୍ଟି କରୁଛି।

# ଜାତୀୟ କୃଷିନୀତିକୁ ବିଭ୍ରାନ୍ତ କରୁଛନ୍ତି ବିରୋଧୀ

**ମାଲକାନଗିରି,୧୯।୧୨ (ଡି.ଏନ୍.ଏ.)** ମାଲକାନଗିରି ଜିଲା ସର୍କିଟ ହାଉସ୍ ପରିସରରେ ଶନିବାର ଭାରତୀୟ ଜନତା ପାର୍ଟି ଏକ ଖବରଦାତା ସମ୍ମିଳନୀରେ ଜାତୀୟ କୃଷିନୀତିକୁ କେତେକ ବିରୋଧୀ ବିଭ୍ରାନ୍ତ କରୁଥିବା ଅଭିଯୋଗ କରିଛି। କୃଷକମାନେ କେନ୍ଦ୍ରୀୟ ନୀତି ଅନୁଯାୟୀ ଦ୍ୱିଗୁଣିତ ଲାଭ ପାଇବେ। ସେମାନେ କେବେ ମଧ କ୍ଷତିଗ୍ରସ୍ତ ହେବେ ନାହିଁ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଏଥିସହ ଭାଜପା ଜିଲା ପ୍ରଶାସନ ବିରୋଧରେ ଅଭିଯୋଗ ଆଣିଛି। ଜିଲା ପ୍ରଶାସନ ଚାଷୀଙ୍କ ସମସ୍ୟାକୁ ଅଣଦେଖା କରୁଛି। ବିଭିନ୍ନ ମଣ୍ଡିରେ ଚାଷୀଙ୍କ ଧାନ ବିକ୍ରି ଲାଗି ଟୋକନ ବ୍ୟବସ୍ଥା ହୋଇଥିଲେ ମଧ ଚାଷୀ ଧାନ ବିକ୍ରି ପାଇଁ ଧାନ ବିକ୍ରି କାର୍ଡ ୫ଦିନ ପରେ ପାଉଛି। ମିଲରମାନେ ମଣ୍ଡିରେ ଧାନ ଖରାପ ଥିବା କହି ସେମାନଙ୍କଠାରୁ ମନଇଛା ୮/୧୦ କିଲୋ ଧାନ କାଟି କିଣୁଥିବା ଭାଜପା ଅଭିଯୋଗ କରିଛି। ନିୟମ ଅନୁଯାୟୀ କୌଣସି ମିଲର ମଣ୍ଡିକୁ ପ୍ରବେଶ କରିବେ ନାହିଁ। ଯୋଗାଣ ବିଭାଗ, ନିୟନ୍ତ୍ରିତ ବଜାର କମିଟି, ଲାମ୍ପ ପରିଚାଳକ ମଣ୍ଡିରେ ଚାଷୀଙ୍କଠାରୁ ଧାନ ଖରିଦ କରିବେ। ମାତ୍ର ଅନେକ ଅଣଚାଷୀ ମଣ୍ଡିରେ ପ୍ରବେଶ କରି ଦଲାଲଙ୍କୁ ସହଯୋଗ କରୁଥିବା ଦେଖିବାକୁ ମିଳୁଛି। ଚାଷୀଙ୍କ ନିକଟକୁ ବିକ୍ରି ଚିଠା ବିଳମ୍ବରେ ଆସୁଥିବାରୁ ସେମାନେ ଧାନ ଛାଡି କେଉଁଆଡେ ଯାଇପାରୁନାହାନ୍ତି। ଚାଷୀଙ୍କ ରହିବା, ପାନୀୟ ଜଳ ବ୍ୟବସ୍ଥା କୌଣସି ମଣ୍ଡିରେ ହୋଇନାହିଁ ବୋଲି ଭାଜପା କହିଛି।




ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

**ଜିଲା ପ୍ରଶାସନ ବିରୋଧରେ ଅଭିଯୋଗ ଆଣିଲା ଭାଜପା**

ଆଗାମୀ ଦିନରେ ଚାଷୀଙ୍କୁ ନେଇ ଦଳ ଆନ୍ଦୋଳନ କରିବ। ପ୍ରତି ମଣ୍ଡିକୁ ଦଳୀୟ କର୍ମୀ ଓ କର୍ମକର୍ତ୍ତା ପଦଯାତ୍ରାରେ ଯାଇ ଚାଷୀଙ୍କୁ କେନ୍ଦ୍ର କୃଷିନୀତି ସମ୍ପର୍କରେ ବୁଝାଇବେ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ମାଲକାନଗିରି ବିଧାୟକ ତଥା ଜିଲା ସଭାପତି ଆଦିତ୍ୟ ମାଢି, ଅବିଭକ୍ତ କୋରାପୁଟ ଜିଲା ପ୍ରଭାରି ଅରୁଣଭଞ୍ଜ ମିଶ୍ର, ଦଳୀୟ ମୋର୍ଚ୍ଚା ଉପସଭାପତି ବିଭୁତି ଭୂଷଣ ଦାସ, ନିମାଇ ପାଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଷ୍ଟେଶନରୁ ଦେଢ଼ଲକ୍ଷର ଗଞ୍ଜେଇ ଜବତ

**ରାୟଗଡା ଅଫିସ:** ରାୟଗଡ଼ା ରେଲ୍‌ୱେ ଷ୍ଟେଶନରୁ ଶନିବାର ଅପରାହ୍ନରେ ଆର୍‌ପିଏଫ୍ ୨୭.୪ କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଗଜପତି ଜିଲା ପାରଳାଖେମୁଣ୍ଡିର ନାଗାପ୍ପା ରାଓ(୬୨)।ସୂଚନା ଅନୁଯାୟୀ, ନାଗାପ୍ପା ସମତା ଏକ୍ସପ୍ରେସ୍ ଯୋଗେ ଗଞ୍ଜେଇ ରାୟଗଡ଼ାରୁ ଭୋପାଳ ଚାଲାଣ ପାଇଁ ରାୟଗଡ଼ା ଷ୍ଟେଶନରେ ଅପେକ୍ଷା କରିଥିଲେ। ଏ ନେଇ ଆର୍‌ପିଏଫ୍ ସୂଚନା ପାଇ ଚଢ଼ାଉ କରିଥିଲା। ଅତିରିକ୍ତ ତହସିଲଦାର ସୁନିଲ୍ ଖରାଙ୍କ ଉପସ୍ଥିତିରେ ନାଗାପ୍ପାଙ୍କ ନିକଟରୁ ୩ ବ୍ୟାଗ୍‌ରେ ଥିବା ୬ ପ୍ୟାକେଟ ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୧ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି। ଏ ନେଇ ଜିଆର୍‌ପି ଥାନାରେ ୧୩/୨୦ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ସୂଚନା ମିଳିଛି।

**ସଂକ୍ଷେପରେ**

## ଜୁଆଆଡ୍ଡା ଉପରେ ଚଢ଼ାଉ: ୫୦ ହଜାର ଜବତ



**କୋରାପୁଟ,୧୯।୧୨(ସ୍ୱ.ପ୍ର)-** କୋରାପୁଟ ଟାଉନ ଥାନା ପୋଲିସ ସହରର ରେଲୱେ କଲୋନୀରେ ଜୁଆଆଡ୍ଡା ଚାଲିଥିବା ଖବର ପାଇ ଚଢାଉ କରି ୫୦ ହଜାର ୧୨୦ ଟଙ୍କା ସହ ୮ଟି ମୋବାଇଲ ଫୋନ ଜବତ କରିଥିଲା। ୮ ଜୁଆଡିକୁ ଧରାଯାଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ସହରର ରେଲୱେ କୋଲନୀ ଅଞ୍ଚଳର ଏକ ସ୍ଥାନରେ ଜୁଆ ଖେଳ ଚାଲିଥିବା ଖବରପାଇ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରିଥିଲା । ଏହି ସମୟରେ ସେଠାରୁ ୮ ଜଣ ଜୁଆଡଙ୍କୁ ଧରାଯାଇ ଉପରୋକ୍ତ ପରିମାଣର ଟଙ୍କା ଜବତ କରାଯାଇଥିଲା।

## ବାଇକ୍ ଦୁର୍ଘଟଣା, ଜଣେ ମୃତ

**ଚିତ୍ରକୋଣ୍ଡା,୧୯।୧୨(ଡି.ଏନ.ଏ.)-** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଡାଲଖାଇ ମନ୍ଦିର ନିକଟସ୍ଥ ବଡପଡା ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ଚିତ୍ରକୋଣ୍ଡା ବ୍ଲକ ରାଲେଗଡା ପଞ୍ଚାୟତର ନେଉଡୁପାଲି ଗ୍ରାମର ଭଗବାନ ଖେମୁଡୁଙ୍କ ପୁଅ ଘେନୁ ଖେମୁଡ(୩୫) ବୋଲି ଜଣାପଡିଛି।

## ଶନିବାର କୋରାପୁଟ କରୋନାମୁକ୍ତ ଜିଲା

**କୋରାପୁଟ,୧୯।୧୨(ସ୍ୱ.ପ୍ର)** କୋରାପୁଟ ଜିଲାରେ ଶନିବାର କେହି କୋରନା ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ଆକ୍ରାନ୍ତଙ୍କ ସଂଖ୍ୟା ୭୭୯୯ରେ ସ୍ଥିର ରହିଛି। ତେବେ ଜିଲାରେ ସୁସ୍ଥବ୍ୟକ୍ତିଙ୍କ ସଂଖ୍ୟା ୭୭୭୧କୁ ବୃଦ୍ଧିପାଇଥିବା ଜିଲାପାଳ କହିଛନ୍ତି ।

## ଅନାଥ ଶିଶୁଙ୍କ ମା’ ସୁଶୀଳାଙ୍କ ପରଲୋକ

**କୋରାପୁଟ,୧୯।୧୨(ସ୍ୱ.ପ୍ର.)** କୋରାପୁଟ ସହରର ଶୋଭା ଅନୁଷ୍ଠାନ ଦ୍ୱାରା ପରିଚାଳିତ ଆସ୍ଥା ଅନୁଷ୍ଠାନର ଆୟା ତଥା ଅନାଥ ଶିଶୁମାନଙ୍କ ମା’ ରୂପେ ପରିଚିତ ସୁଶୀଳା ପଣ୍ଡାଙ୍କ ଶନିବାର ପରଲୋକ ହୋଇଯାଇଛି। ସେ ୨୦୦୭ରୁ ଶୋଭା ଅନୁଷ୍ଠାନ ଦ୍ୱାରା ପରିଚାଳିତ ଅନାଥ ଶିଶୁ କେନ୍ଦ୍ର ଆସ୍ଥାରେ ରହି ଅନାଥ ପିଲାଙ୍କୁ ମା’ ପରି ଲାଳନପାଳନ କରି କରି ଆସୁଥିଲେ । ଏନେଇ ଧରିତ୍ରୀରେ ତାଙ୍କ ସମ୍ପର୍କରେ ସ୍ୱତନ୍ତ୍ର ଖବର ପ୍ରକାଶ ପାଇଥିଲା । ସେ ଗତ କିଛି ବର୍ଷ ହେଲା ରୋଗରେ ଆକ୍ରାନ୍ତ ହୋଇଥିଲେ ମଧ ଅନାଥ ଶିଶୁମାନଙ୍କ ଯତ୍ନ ନେବାରେ ଅବହେଳା କରିନଥିଲେ । ଶନିବାର ସକାଳେ ତାଙ୍କ ମୃତ୍ୟୁ ହୋଇଥିଲା। କୋରାପୁଟର ଏକ ଶ୍ମସାନରେ ତାଙ୍କ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା । ଶୋଭାର ଶୋଭାର ସଂପାଦକ ସଞ୍ଜିତ ପଟ୍ଟନାୟକ, ବିଜୟ କୁମାର ପଟ୍ଟନାୟକ, ଆସ୍ଥାର ପରିଚାଳିକା ସୁପ୍ରଭା ନିଶଙ୍କ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଗୋପବନ୍ଧୁ ସେବା ସମିତିର ସଭାପତି ଭବାନୀ ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଅମଳବେଳେ ଦାଉ ସାଧୁଛି ଚକଡ଼ା

**ପଦ୍ମପୁର,୧୯।୧୨(ଡି.ଏନ୍.ଏ.)–**



ଚକଡା ପୋକ ଲାଗି କ୍ଷତି ହୋଇଥିବା ଫସଲ ।

ଧାନ ଅମଳବେଳେ ଚକଡ଼ା ଦାଉସାଧୁଛି। ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଗୁଡ଼ିଆବନ୍ଧ ପଞ୍ଚାୟତ ଅଧୀନ ଧାରାପୁର ଏବଂ ଲାଉଗୁଡ଼ା ମୌଜା ଅଞ୍ଚଳରେ ଦେଖିବାକୁ ମିଳିଛି ଏଭଳି ପରିସ୍ଥିତି। ଜମିରେ ଚକଡ଼ା ପୋକ ଲାଗି ଫସଲ ନଷ୍ଟ କରଛନ୍ତି। ଏହାକୁ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି ଚାଷୀ।

ଅଞ୍ଚଳର ତେତେଜଣ ଚାଷୀ ଚକଡ଼ା ଭୟରେ ଧାନ ପାଚିବା ଆଗରୁ କାଟୁଥିବାରୁ ଧାନ ନଷ୍ଟ ହେବା ଆଶଙ୍କା ମଧ ରହିଛି। ଚାଷୀ ଋଣ ଏବଂ କରଜ କରି ହେକ୍ଟର ହେକ୍ଟର ଜମିରେ ଧାନ ଚାଷ କରିଛନ୍ତି। ଧାନ ଅମଳ ହେଲେ ସେଥିରୁ ଋଣ ଶୁଝିବେ ବୋଲି ଆଶା ବାନ୍ଧିଥିଲେ। ହେଲେ କରି ଅମଳ ସମୟରେ ଚକଡ଼ା ପୋକ ଲାଗିବା ଯୋଗୁ ଚାଷୀ କ୍ଷତି ସହିବା ଆଶଙ୍କାରେ ରହିଛନ୍ତି। ଧାରାପୁର ମୌଜା ଅଞ୍ଚଳର ଚାଷୀ ସାବିତ୍ରୀ ଶବର, କମଳ ଶବର, ଦେବରାଜ ଶବର, ଉଦୟ ଚନ୍ଦ୍ର ଶବରଙ୍କ ଧାନ ପାଚିଆସିବା ସମୟରେ ଚକଡ଼ା ପୋକ ଲାଗି ଧାନ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି। ଏବେ କୀଟନାଶକ ପ୍ରୟୋଗ କଲେ ମଧ ପୋକ ଦାଉରୁ ରକ୍ଷା ମିଳୁନାହିଁ

**ବର୍ଷକର ଫସଲ ନେଇ ଚିନ୍ତାରେ ଚାଷୀ**

ବୋଲି ସେମାନେ କହିଛନ୍ତି। ତେଣୁ ଅନ୍ୟ ଜମିକୁ ଚକଡ଼ା ମାଡ଼ିବା ପୂର୍ବରୁ କୃଷି ବିଭାଗ ଶୀଘ୍ର ପଦକ୍ଷେପ ନେବା ଜରୁରୀ ବୋଲି ଅନ୍ୟ ଚାଷୀ ଏବଂ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏ ସମ୍ପର୍କରେ ଗୁଣପୁର କୃଷି ଅଧିକାରୀ ମନୋରଞ୍ଜନ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଚାଷୀଙ୍କଠାରୁ ସେଭଳି କୌଣସି ଅଭିଯୋଗ ପହଞ୍ଚିନାହିଁ। ଏବିଷୟରେ ବୁଝିବି ବୋଲି ସେ କହିଛନ୍ତି।

# ତଦନ୍ତ ଭୟରେ ଉଚ୍ଚ ଅଧିକାରୀଙ୍କ ନାଁ ନେଉଛନ୍ତି ପ୍ରଧାନ ଶିକ୍ଷକ

**କୁନ୍ଦୁରା, ୧୯।୧୨(ଡି.ଏନ.ଏ.)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଉପକଣ୍ଠସ୍ଥିତ କଉଡିଆଗୁଡା କନ୍ୟାଶ୍ରମଠାରେ ସରକାରଙ୍କ ଦ୍ୱାରା ଅଧ୍ୟୟନରତ ଛାତ୍ରୀମାନଙ୍କୁ ପ୍ରଦାନ ନିମନ୍ତେ ଆସିଥିବା ପ୍ରିମାଟ୍ରିକ ଛାତ୍ର ବୃତ୍ତି ଟଙ୍କାରୁ ପାଚେରି ନିର୍ମାଣ ନିମନ୍ତେ ୨୦୦/୩୦୦ ଟଙ୍କା ପ୍ରଧାନଶିକ୍ଷକ ଆଦାୟ କରିଥିବା ଅଭିଯୋଗ ହୋଇଥିଲା । ଯାହାକୁ ନେଇ ପ୍ରଧାନଶିକ୍ଷକ ଲାଲ ବାହାଦୁର ମଲ୍ଲିକ କୁନ୍ଦୁରା ଏବିଇଓଙ୍କ ନିର୍ଦ୍ଦେଶରେ ମୋ ସ୍କୁଲ ଅଭିଯାନ ରେ ଯିଏ ଯାହା ଦେଇଛି ଗ୍ରହଣ କରିଥିବା ଏବଂ ରସିଦ ଦେଇଥିବା କହିଥିଲେ । କିନ୍ତୁ ପ୍ରଧାନଶିକ୍ଷକ ଯେଉଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପପେୟା ବେହେରାଙ୍କ କଥା କହିଛନ୍ତି ସେ ଏ ବିଷୟରେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି। ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ରହିଛି ଯେ, ଯେଉଁ

**ପାଚେରି ନିର୍ମାଣ ନେଇ ଷ୍ଟାଇପେଣ୍ଡରୁ ଅର୍ଥ ଆଦାୟ ଘଟଣା**

ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନରେ ଅର୍ଥ ସଂଗ୍ରହ କରାଯିବ କେବଳ ପୂର୍ବତନ ଛାତ୍ରୀଛାତ୍ର ଏବଂ ଶୁଭାକାଂକ୍ଷୀଙ୍କଠାରୁ କରାଯିବ। କରୋନା ମହାମାରୀ ସମୟରେ ବିଦ୍ୟାଳୟଗୁଡିକ ବନ୍ଦ ଥିଲା। ଆବାସିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ସରକାର ଚାଉଳ ସହ ୭ମାସର ପ୍ରି ମାଟ୍ରିକ ସ୍କଲାରଶିପ ଅର୍ଥ ଦେଇଛନ୍ତି। କୋରାପୁଟ ଜିଲାର କୌଣସି ବିଦ୍ୟାଳୟରେ ଏପରି ହେଉ ନ ଥିବାବେଳେ ପ୍ରଧାନଶିକ୍ଷକଙ୍କୁ ଅର୍ଥ ଆଦାୟ ଅଧିକାର କିଏ ଦେଲା ସେନେଇ ପ୍ରଶ୍ନ ଉଠିଛି। ଏ ବିଷୟରେ ଡିଇଓଙ୍କୁ ପଚାରିବାରୁ ସେ ଏ ବିଷୟରେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି।

# ନବରଙ୍ଗପୁରରେ ଲୋକ ଅଦାଲତ



ଗୋଟିଏ କେସ୍‌ର ଶୁଣାଣି କରାଯାଉଛି।

**ନବରଙ୍ଗପୁର, ୧୯।୧୨(ବି.ପ୍ର.)**

କୋର୍ଟ ପରିସରରେ ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧୀକରଣ ପକ୍ଷରୁ ଜିଲା ଜଜ୍ ଅଶୋକ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଛି। ଜିଲା ଜଜ୍ ୩ଟି ଏମ୍‌ଏସିଟି ମାମଲାର ଫଇସଲା କରି ୭ଲକ୍ଷ ୮୦ହଜାର ଟଙ୍କା କ୍ଷତିପୂରଣ ଧାର୍ଯ୍ୟ କରିଛନ୍ତି। ପରିବାର ବିଚାର ବିଭାଗୀୟ ଜଜ୍ ଶୋଭମ କୁମାର ଦାସ ଗୋଟିଏ ପରିବାର ଗଣ୍ଡଗୋ କେସର ଆପୋସ ମିଳାମିଶା କରାଇଛନ୍ତି। ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ପ୍ରିୟରଞ୍ଜନ ଓଝା ୧୨୭ଟି ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ବନଜା ମହାନ୍ତି ୫ଟି ଫୌଜଦାରୀ ମକଦ୍ଦମାର ଫଇସଲା କରିଛନ୍ତି। ଏଥିସହ ଲୋକ ଅଦାଲତରେ ବ୍ୟାଙ୍କର ୩ଟି ପ୍ରାକ୍ ମକଦ୍ଦମା ଫଇସଲା କରାଯାଇ ୫ଲକ୍ଷ ୫ହଜାର ୮୮ଟଙ୍କା ଆଦାୟ କରାଯାଇଛି। ଲୋକ ଅଦାଲତରେ ସର୍ବମୋଟ ୨୦୧ଟି କେସ୍‌ର ଫଇସଲା କରାଯାଇଛି। ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲା ଜଜ୍ ପ୍ରଣୟ କୁମାର ଦାସ, ବରିଷ୍ଠ ଦେୱାନୀ ଜଜ୍ ରାଜ କିଶୋର ଜେନା ଓ ଦ୍ୱିତୀୟ ବିଚାର ବିଭାଗୀୟ ଅଧିକାରୀ ସୁମନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ। ଜିଲା ଆଇନ ସେବା ପ୍ରାଧୀକରଣ ସମ୍ପାଦକ ପ୍ରସନ୍ନ କୁମାର ବେହେରା ଲୋକ ଅଦାଲତ ପରିଚାଳନା କରିଥିବାବେଳେ ଅନ୍ୟ ଆଇନଜୀବୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶିକ୍ଷଣ



ଜେକେ କାଗଜକଳ ପରିସରରେ ମକ୍‌ଡ୍ରିଲ ଚାଲିଛି ।

**ରାୟଗଡ଼ା ଅଫିସ,୧୯।୧୨–**

**ଜେକେ କାଗଜ କଳ ପରିସରରେ ମକ୍‌ଡ୍ରିଲ୍**

ଜେକେ କାଗଜ କଳରେ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ନିମନ୍ତେ ଶନିବାର ଏକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। କ୍ଲୋରିନ୍ ଗ୍ୟାସ ନିର୍ଗତ ହେଲେ ପରିସ୍ଥିତିର କିପରି ପରିଚାଳନା ଓ ମୁକାବିଲା କରାଯାଇପାରିବ, ସେ ନେଇ ଜିଲା କର୍ତ୍ତୁପକ୍ଷଙ୍କ ଉପସ୍ଥିତିରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ସମୟରେ ଜେକେ କାଗଜ କଳର ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ଉପ ସଭାପତି ବିନୟ ଦ୍ୱିବେଦୀ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ଓ ସୁରକ୍ଷା ବିଭାଗର ପର୍ଯ୍ୟାବରଣ ମହାପ୍ରବନ୍ଧକ ସତ୍ୟଜିତ ମହାନ୍ତି ଜରୁରୀକାଳୀନ ପରିସ୍ଥିତିରେ ମୁକାବିଲା ନିମନ୍ତେ ରହିଥିବା ସୁବିଧା ବିଷୟରେ ଉପସ୍ଥିତ ଟିମ୍‌କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ଫ୍ୟାକ୍ଟ୍ରିସ୍ ଏଣ୍ଡ ବଏଲର୍‌ସ ରାୟଗଡ଼ା ଡ଼ିଭିଜନର ଉପ ନିର୍ଦ୍ଦେଶକ ସ୍ୱରୂପ ଜେନା, ରାୟଗଡ଼ା ମଣ୍ଡଳ ସହ ନିର୍ଦ୍ଦେଶକ ରିତ କୁମାର ନାୟକ, ସହକାରୀ ଜିଲାପାଳ ସୁକାନ୍ତ ପ୍ରଧାନ, ଜିଲା ପ୍ରକଳ୍ପ ଅଧିକାରୀ ଜ୍ୟୋତିର୍ମୟୀ ପାତ୍ର, ସହକାରୀ ଅଗ୍ନିଶମ ଅଧିକାରୀ ସଂଗ୍ରାମ ହାଁସଦା, ଚାନ୍ଦିଲି ଥାନା ଅଧିକାରୀ ରଶ୍ମି ରଞ୍ଜନ ପ୍ରଧାନ ପାରିପାର୍ଶ୍ୱିକ ଅଞ୍ଚଳର ଶିଳ୍ପ ସଂସ୍ଥା କର୍ମଚାରୀ, ଜନ ପ୍ରତିନିଧିମାନେ ପର୍ଯ୍ୟବେକ୍ଷଣ କରିଥିଲେ। କାର୍ଯ୍ୟକ୍ରମରେ ଜେକେ କାଗଜ କାଗଜ କଳର ବାଣିଜ୍ୟ ବିଭାଗୀୟ ଉପ ସଭାପତି ବିଶ୍ୱଜିତ ଦ୍ୱିବେଦୀ, ଲୋକ ସମ୍ପର୍କ ଅଧିକାରୀ ସୁନିଲ୍ ନାଥ ଏବଂ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ଭାଜପା

**ଗୁଣପୁର,୧୯।୧୨(ଡି.ଏନ୍.ଏ)**

ପରୀକୁ ନ୍ୟାୟ ଦାବିରେ ରାୟଗଡ଼ା ଜିଲା ଗୁଣପୁର ଭାଜପା ପକ୍ଷରୁ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପରୀ ଘଟଣାର ସିବିଆଇ ତଦନ୍ତ କରାଯାଉ ଏବଂ ମନ୍ତ୍ରୀ ଅରୁଣ ସାହୁ ଇସ୍ତଫା ଦିଅନ୍ତୁ ବୋଲି ଦଳ ଦାବି କରିଛି। ସେହିପରି ପରୀର ପରିବାରକୁ ସୁରକ୍ଷା ମିଳୁ ବୋଲି ଭାଜପା ପକ୍ଷରୁ ଦାବି ହୋଇଛି। ଏ ନେଇ ଦଳ ପକ୍ଷରୁ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ ଜରିଆରେ ସହକାରୀ ଜିଲାପାଳ ରାଜେନ୍ଦ୍ର ଚୌଧୁରୀଙ୍କୁ ଦାବିପତ୍ର ଦିଆଯାଇଛି। ଦାବିପତ୍ର ପ୍ରଦାନବେଳେ ନଗର ମଣ୍ଡଳ ସଭାପତି ଶ୍ରୀନିବାସ ସ୍ୱାଇଁଙ୍କ ସମେତ ଦଳୀୟ ନେତା ତଥା ପୂର୍ବତନ ଏମ୍‌ପି ହେମା ଗମାଙ୍ଗ, ବିଧାୟକ ପ୍ରାର୍ଥୀ ଶିଶିର ଗମାଙ୍ଗ, ୱାଇ. ଗଣପତି, ବିଦ୍ୟାଧର ଶବର, ଗାଡେ ଶବର, ଜଗନ୍ନାଥପୁର ମଣ୍ଡଳ ସଭାପତି ପୃଥ୍ୱୀରାଜ ପାଢ଼ୀ, ଫାଲଗୁନି ଶବର, ଦିଲୀପ ବାଉରି, ଭଗବାନ ଚୌଧୁରି, ନିଳକଣ୍ଠ ମହାପାତ୍ର, ଜଗଦିଶ ପଣ୍ଡା, ତ୍ରିପତି ଶବର, ଲକ୍ଷ୍ମୀ ଶ୍ରୀରାମ, ମୁଖି ଦିବାକର, ସୁରେନ୍ଦ୍ର ମହାନ୍ତି, କିର୍ତ୍ତି ପଣ୍ଡା, ଜାମିଆନନ୍ଦା ପ୍ରମୁଖ ଉପସ୍ଥିତ ଥିଲେ।

## ଚିତ୍ରକୋଣ୍ଡା ମା ଗୃହ ପରିଦର୍ଶନ

**ଚିତ୍ରକୋଣ୍ଡା,୧୯।୧୨(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ପୁଷ୍ପକ ଅନୁଷ୍ଠାନ ଦ୍ୱାରା ପରିଚାଳିତ ମା ଗୃହ ଏବଂ ଗୋପବନ୍ଧୁ ଡେଭଲପମେଣ୍ଟ ସୋସାଇଟି ଦ୍ୱାରା ପରିଚାଳିତ ମା’ ଗୃହକୁ ଓଡିଶା ଷ୍ଟେଟ ପବ୍ଲିକ ପ୍ରାଇଭେଟ ପାଟନରଶିପ ଏମଏମୟୁ ସନ୍ତୋଷ ନାୟକ, ଷ୍ଟେଟ କୋର୍ଡ଼ିନେଟର, ମାଲକାନଗିରି ଡିପିଏମ ସୁଦିପ କେସ, ଆଶା କୋର୍ଡିନେଟର ସଂଗ୍ରାମ ପଣ୍ଡା, ପିପିପି କୋର୍ଡ଼ିନେଟର ଈଶ୍ୱର ରାଓ ପରିଦର୍ଶନ କରି ଫେରିଛନ୍ତି।

# ଲୋକ ଅଦାଲତରେ ୧୩୪ ମାମଲା ଫଇସଲା

**ରାୟଗଡ଼ା ଅଫିସ, ୧୯।୧୨–**



ଲୋକ ଅଦାଲତରେ ଉପସ୍ଥିତ ଜିଲାଜଜ୍ ଓ ଅନ୍ୟମାନେ ।

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ତତ୍ୱାବଧାନରେ ସ୍ଥାନୀୟ ଜିଲା ସିଭିଲ କୋର୍ଟ ପରିସରରେ ଶନିବାର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ମୁଖ୍ୟ କୋର୍ଟ ସମେତ ଗୁଣୁପୁର, ବିଷମକଟକ କାଶୀପୁରରେ ଦୀର୍ଘ ଦିନ ଧରି ପଡ଼ି ରହିଥିବା ୧୨୧ ମାମଲାର ଫଇସଲା କରାଯାଇଛି। ଏଥିସହ ଜରିମାନା ବାବଦକୁ ୯୨,୨୭,୭୭୬ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ପ୍ରିଲିଟିଗେଶନ ସମ୍ପର୍କିତ ୧୩ ମାମଲାର ସମାଧାନ କରାଯାଇ ଜରିମାନା ବାବଦକୁ ୧,୫୨,୦୦୦ ଟଙ୍କା ଆଦାୟ କରାଯାଇଛି। ଡିଏଲ୍‌ଏସ୍‌ଏର ଅଧକ୍ଷ ତଥା ଜିଲା ଦୌରାଜଜ୍ ଚିତ୍ତରଞ୍ଜନ ଦାସଙ୍କ ତତ୍ୱାବଧାନରେ ସମସ୍ତ ମାମଲାର ଫଇସଲା କରାଯାଇଥିଲା। ଏଥରେ ସ୍ଥାୟୀ ଲୋକ ଅଦାଲତର ଜଜ୍ ହିମାଂଶୁ ଶେଖର ବ୍ରହ୍ମା, ପରିବାର ଅଦାଲତର ଜଜ୍ ଆଶିଷ କୁମାର ତ୍ରିପାଠୀ, ରେଜିଷ୍ଟ୍ରାର ପ୍ରତିମା ପାତ୍ର, ବରିଷ୍ଠ ଦଣ୍ଡାଧିକାରୀ ମନୋରଞ୍ଜନ ଦାଶ, ବରିଷ୍ଠ ଦେୱାନୀ ବିଚାରପତି ସତରୂପା ଶତପଥୀ, ଡିଏଲ୍‌ଏସ୍‌ଏର ସମ୍ପାଦକ ମନୋରଞ୍ଜନ ମିଶ୍ର, ଅନୁବିଭାଗୀୟ ଦଣ୍ଡାଧିକାରୀ ରାଜେନ୍ଦ୍ର କୁମାର ଦାଶ, ଗ୍ରାମ୍ୟ ନ୍ୟାୟାଳୟର ନ୍ୟାୟାଧିକାରୀ ସୁବାସିନୀ ବେହେରା, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ସୋଭନ କୁମାର ପଣ୍ଡା ଏବଂ ଗୁରୁଚରଣ ଜେନାମଣି ସହଯୋଗ କରିଥିଲେ।

# ସୁକେଶଙ୍କ ଅପରାଜିତ ଶତକ

**ନବରଙ୍ଗପୁର,୧୯।୧୨(ବି.ପ୍ର.)**



**ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ**

ଓଡିଶା କ୍ରିକେଟ ସଂଘ ଦ୍ୱାରା ଆୟୋଜିତ ଆନ୍ତଃ ଜିଲା କ୍ରିକେଟ ଟୁର୍ନମେଣ୍ଟରେ ନବରଙ୍ଗପୁର ଜିଲା ଅଂଶ ଗ୍ରହଣ କରିଥିଲା। କଟକ ଓ ଭୁବନେଶ୍ୱରରେ ଖେଳାଯାଇଥିବା ୬ଟି ମ୍ୟାଚରୁ ୪ଟିରେ ବିଜୟ ଲାଭ କରିଥିଲା। ପି.ରୋଶନ କୁମାର ରାଓଙ୍କ ନେତୃତ୍ୱରେ ନବରଙ୍ଗପୁର ଦେବଗଡ, ପାରାଦୀପ, ଢେଙ୍କାନାଳ ଓ ଅନୁଗୁଳକୁ ହରାଇଥିଲା। ଦଳ ପକ୍ଷରୁ ସୁକେଶ କୁମାର ହିରା ସର୍ବଶ୍ରେଷ୍ଠ ପଦର୍ଶନ କରିଥିଲେ। ସେ ବିଭିନ୍ନ ମ୍ୟାଚ୍‌ରେ ୪୦, ୬୨, ୬୭, ୫୨, ୧୩୦ ରନ କରିଥିଲେ। ଅନ୍ୟତମ ବ୍ୟାଟସ୍‌ମ୍ୟାନ ପୂର୍ଣ୍ଣ ମାଝି ୨୯,୮୪ ଓ ୬୪ ରନ୍ କରିଥିଲେ। ସେହିଭଳି ଅଂଶୁମାନ ତ୍ରିପାଠୀ ୨୪, ୪୨ ଓ ଶେଖ ରିଆଜ ୬୦,୨୪ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସୁଦୀପ ଢାଲି ଓ ଦିନେଶ ଶ୍ରୀବାସ୍ତବ ଟୁର୍ନାମେଣ୍ଟରେ ୮ଟି ଲେଖାଏ ଉଇକେଟ ନେଇଥିଲେ। ଏହି ଯୁବ ଖେଳାଳିମାନେ ଭଲ ଖେଳ ପଦର୍ଶନ କରିଥିବାରୁ ଜିଲାର ଖେଳପ୍ରେମୀ ଓ ପୂର୍ବତନ ଖେଳାଳିମାନେ ଖୁସି ବ୍ୟକ୍ତ କରିଛନ୍ତି। କୋଚ ଶଶାଙ୍କଶେଖର ବେହେରାଙ୍କ ସମେତ ସମସ୍ତ ଖେଳାଳିଙ୍କୁ ଜିଲା କ୍ରିକେଟ ସଂଘ ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ ଶୁଭେଚ୍ଛା ଜଣାଇଛନ୍ତି। ଜିଲାର କୋଣ ଅନୁକୋଣରୁ ଭଲ ଭଲ ଖେଳାଳିଙ୍କୁ ଅଣାଯାଇ ପ୍ରଶିକ୍ଷଣ ଦିଆଯିବ ବୋଲି ଉପସଭାପତି ଏମ୍.ବାଲାକ୍ରିଷ୍ଣା ରାଓ କହିଥିବା ନେଇ ସଂଘର ମିଡିଆ ସଂଯୋଜକ ମନୋଜ ପଟ୍ଟନାୟକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

# କାୟାକଳ୍ପ ପାଇଁ ସମସ୍ତେ ତତ୍ପର

**ଚିତ୍ରକୋଣ୍ଡା,୧୯।୧୨(ଡି.ଏନ.ଏ.)**



ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି ।

ସରକାରୀ ଡାକ୍ତରଖାନା ପ୍ରତି ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କ ଭିନ୍ନ ଧାରଣା ରହିଥିଲା। କେଉଁଠି ରୋଗୀ ପାଇଁ ଲାଟ୍ରିନ ନ ଥାଏ ତ, କେଉଁଠି ପାଣି ସମସ୍ୟା, କେଉଁଠି ଅପରିଷ୍କାର ଅବସ୍ଥାରେ ଥାଏ ଡାକ୍ତରଖାନା ପରିବେଶ। ଏବେ ସେ ଧାରଣା ବଦଳିବାରେ ଲାଗିଛି। ସରକାର ଘୋଷଣା କରିଥିବା କାୟକଳ୍ପ ପୁରସ୍କାର ପାଇଁ ଡାକ୍ତରଖାନା କର୍ତ୍ତୁପକ୍ଷମାନେ ଡାକ୍ତରଖାନା ପରିବେଶ ସଫା ରଖିବା ପ୍ରତି ଗୁରୁତ୍ୱ ଦେଉଛନ୍ତି। ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ମଧ୍ୟ ଏଥିରୁ ବାଦ ପଡିନାହିଁ। ସ୍ୱଚ୍ଛ ଓ ଆକର୍ଷଣୀୟ ପରିବେଶ ମଧ୍ୟରେ ଡାକ୍ତରଖାନାକୁ ରଖିବା ପାଇଁ ଡାକ୍ତର ଓ କର୍ମଚାରୀମାନେ ଧ୍ୟାନ ରଖୁଛନ୍ତି। ଏଥିପାଇଁ ଡାକ୍ତରଖାନା ପରିସରରେ ଔଷଧୀୟ ଗଛ, ଫୁଲ ବଗିଚା, ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟଦ୍ୱାର ଓ ପରିସରକୁ ରଙ୍ଗ କରାଯାଇଛି। ସ୍ୱାସ୍ଥ୍ୟ ସମ୍ପର୍କିତ ସୂଚନାଫଳକ ଲାଗିଛି। ପରିଷ୍କାର ଲାଟ୍ରିନ ବ୍ୟବସ୍ଥା ସହ ସୁନ୍ଦର ମୂର୍ତ୍ତି ଓ ଡିଜାଇନ ୱାଟର ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ଉତ୍ତମ ପରିବେଶ, ସ୍ୱାସ୍ଥ୍ୟସେବା, ଉତ୍ତମ ରେକର୍ଡ କିପିଙ୍ଗ, ପାଇଖାନା ଓ ପାନୀୟ ଜଳ ବ୍ୟବସ୍ଥା ଦେଖି କାୟାକଳ୍ପ ପୁରସ୍କାର ଲାଗି ଚୟନ କରାଯିବ। କେବଳ ଚିତ୍ରକୋଣ୍ଡା ନୁହେଁ ମାଲକାନଗିରି ଜିଲାର ୭ଟିଯାକ ବ୍ଲକର ଗୋଷ୍ଠୀ ଓ ଉପଖଣ୍ଡ ଚିକିତ୍ସାଳୟଗୁଡିକରେ ଏପରିକାର୍ଯ୍ୟ ଦ୍ରୁତ ଗତିରେ ଆଗେଇଚାଲିଛି।

## ୨ ଜଣ ଦେଲେ ପ୍ଲାଜ୍‌ମା

**କୋରାପୁଟ,୧୯।୧୨(ସ୍ୱ.ପ୍ର)**

ସୁନାବେଡାର ହାଲ ଭିଏସ ବିଦ୍ୟାଳୟ ଶିକ୍ଷକ ସନ୍ଦିପ କୁମାର ପଟ୍ଟନାୟକ ଏବଂ କର୍ମଚାରୀ ବୁଧିଆ ଜେନା ଶନିବାର ପ୍ଲାଜମା ଦାନ କରିଛନ୍ତି। ଏହାକୁ ମିଶାଇ ପ୍ଲାଜମା ପ୍ରଦାନ କରିଥିବା ବ୍ୟକ୍ତିଙ୍କ ସଂଖ୍ୟା ୯୦ ହୋଇଛି। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ପ୍ଲାଜମା ବ୍ୟାଙ୍କ ଖୋଲାଯାଇଛି। ଏଯାଏ ୧୬୯ ୟୁନିଟ ପ୍ଲାଜମା ସଂଗ୍ରହ କରାଯାଇଥିବା ବେଳେ ସେଥିରୁ ୪୪ଟି ୟୁନିଟ ପ୍ଲାଜମା କୋରନା ଗୁରୁତର ରୋଗୀଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ପ୍ଲାଜମାର ନୋଡାଲ ଅଧିକାରୀ ଏପିଡି ମହେଶ୍ୱର ନାୟକ, ସୁନାବେଡା ମ୍ୟୁନିସିପାଲିଟିର ପ୍ଲାଜମା ସଂଯୋଜକ ଲକ୍ଷ୍ମୀଧର ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଅତ୍ୟାଧୁନିକ ସ୍ମାର୍ଟ ଶ୍ରେଣୀଗୃହରେ ପାଠପଢ଼ା

**କୋରାପୁଟ,୧୯।୧୨(ସ୍ୱ.ପ୍ର.)**



ଅତ୍ୟାଧୁନିକ ସ୍ମାର୍ଟ ଶ୍ରେଣୀ ଗୃହରେ ଛାତ୍ରୀଛାତ୍ରମାନେ ଶିକ୍ଷାଗ୍ରହଣ କରୁଛନ୍ତି।

ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତ୍ୟେକ ୧୪ଟି ବିଭାଗର ଶ୍ରେଣୀ ଗୃହରେ ଡିଜିଟାଲ ଇଣ୍ଟ୍ରାକ୍ଟିଭ ଡିସପ୍ଲେ ଭିଜୁଆଲ ପ୍ରୋଜେକ୍ଟର ଇଲୋକ୍ଟ୍ରୋନିକ ବୋର୍ଡ ସ୍ଥାପନ କରି ଶ୍ରେଣୀ ଗୃହକୁ ଅତ୍ୟାଧୁନିକ ସ୍ମାର୍ଟ ଶ୍ରେଣୀ ଗୃହରେ ପରିଣତକରିଛି। ବିଶ୍ୱବିଦ୍ୟାଳୟ ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ଓ ଶିକ୍ଷାର ଗୁଣାବତାକୁ ବୃଦ୍ଧି କରିବ ବୋଲି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମ କହିଛନ୍ତି। । ସେ କହିଛନ୍ତି ଯେ ଏହା ଶିକ୍ଷକମାନଙ୍କ ଉନ୍ନତ ବୈଷୟିକ ସମ୍ବଳ ସହ ଅତ୍ୟାବଶ୍ୟକ କୌଶଳ ବୃଦ୍ଧି କରିବ,

**କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ**

ଯାହା ଯୋଗାଯୋଗ, ସହଯୋଗ, ସୃଜନଶୀଳତା ଚିନ୍ତାଧାରା କ୍ଷେତ୍ରରେ ରହିଥିବା ସମସ୍ୟାର ସମାଧାନ କରିପାରିବ। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ପ୍ଲାଟଫର୍ମରେ ଛାତ୍ରମାନଙ୍କ ୩୬୦ ଡିଗ୍ରୀ ବିକାଶ ପାଇଁ ଏହି ପ୍ରଣାଳୀରେ ଶିକ୍ଷାଦାନ କରିବା ନିହାତି ଜରୁରୀ ବୋଲି ସେ କହିଛନ୍ତି।

